ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.231 Bhubaneswar Sunday October 22 2023 | ୨୬ତମ ବର୍ଷ ସଂଖ୍ୟା–୨୩୧ ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୨, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## କେବେ ପର୍ଦ୍ଦା ହଟିବ ? ଚୁପ୍ ବସିଛନ୍ତି ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ !



ଭୁବନେଶ୍ୱର,୨୧।୧୦(ପି.ଏନ): ଶିକ୍ଷାର ମନ୍ଦିର ହେଉଛି ବିଶ୍ୱବିଦ୍ୟାଳୟ। ଆଉ ଅଧ୍ୟାପକ ଓ ଅଧ୍ୟାପିକାମାନେ ହେଉଛନ୍ତି ଚଳନ୍ତି ଭଗବାନ। ହେଲେ ସେହି ଚଳନ୍ତି ଭଗବାନ ଆଜି କାଠଗ ?ାରେ। କଳଙ୍କର ବୋଝ ମୁଣ୍ଡାଇ ଚାକିରିରୁ ନିଲମ୍ବିତ ହୋଇଛନ୍ତି ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ୩ ସହକାରୀ ପ୍ରଫେସର। ଦୁଇ ଜଣଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆସିଥିବା ବେଳେ ଜଣଙ୍କ ନାଁରେ ବିଶୃଙ୍ଖଳିତ ଆଚରଣ ଓ ଅନୁଶାସନ ଭଙ୍ଗ ଅଭିଯୋଗ ଆସିଥିଲା। ଇତି ମଧ୍ୟ ଅନେକ ଦିନ ବିତି ଗଲାଣି। ହେଲେ ଆଜି ପର୍ଯ୍ୟନ୍ତ ଅଭିଯୋଗର ସତ ଜଣାପଡିଲାନି। ବିଶ୍ୱବିଦ୍ୟାଳୟ ଆଭ୍ୟାନ୍ତରୀଣ କମିଟିର ତଦନ୍ତ ସରୁନି। ଯାହାକୁ ନେଇ ନିଲମ୍ବିତ ପ୍ରଫେସର ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗରେ ସହକାରୀ ପ୍ରଫେସର ଅଛନ୍ତି ଡକ୍ଟର ରଜତ କୁମାର କୁଜୁର। ଗତ ଅଗଷ୍ଟ ୨୭ ତାରିଖରେ ତାଙ୍କ ନାଁରେ ଆସିଥିଲା ସଙ୍ଗୀନ ଅଭିଯୋଗ। ସେ ନିଜ ବିଭାଗରେ ଜଣେ ମହିଳା ସହକାରୀ ପ୍ରଫେସରଙ୍କୁ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପ୍ରଫେସର କୁଜୁରଙ୍କୁ ନିଲମ୍ବିତ କରାଯାଇଥିଲା। ଏଥିସହ ମାମଲାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇଥିଲା। ତା'ପର ଦିନ ଅର୍ଥାତ ଅଗଷ୍ଟ ୨୮ ତାରିଖରେ କମିଟିର ବୈଠକ ବସିଥିଲା। ଉଭୟଙ୍କୁ ବୈଠକକୁ ଡକା ଯାଇଥିଲା। କମିଟିର ନିର୍ଦ୍ଦେଶ ଅନୁସାରେ ସେପ୍ଟେମ୍ବର ୮ ତାରିଖରେ ଲିଖିତ ଭାବେ ନିଜସ୍ୱ ପକ୍ଷ ରଖିଥିଲେ ପ୍ରଫେସର କୁଜୁର। ଇତି ମଧ୍ୟରେ ଦେଢ ମାସ ବିତି ଗଲାଣି। କିନ୍ତୁ କୌଣସି ଚୂଡାନ୍ତ ନିଷ୍ପତ୍ତି ଆସିପାରିନି।

## ମା ମଙ୍ଗଳାଙ୍କ ପ୍ରସିଦ୍ଧ ମହିଷା ମର୍ଦ୍ଦିନୀ ବେଶ ଅନୁଷ୍ଠିତ

କାକଟପୁର,୨୧।୧୦(ପି.ଏନ), ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କର ପିଠେ ମହାଷ୍ଟମୀ ତିଥିରେ ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହୋଇଥାଏ କ୍ଷ ପ୍ରାତଃରୁ ମା ଙ୍କ ସ୍ନାନ ମାର୍ଜନା ବେଶ ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲିଥିଲା କ୍ଷ ଦିବା ୧୧ ଘଟିକା ବେଳକୁ ବଲ୍ଲଭ, ସକାଳ ଧୂପ, ଦ୍ୱିପ୍ରହର ଧୂପ ଓ ଭଅଣ୍ଡ ନୀତି ପରେ ପହୁଡ଼ ପଡିଥିଲା କ୍ଷ ପରେ ପରେ ସନ୍ଧ୍ୟାରେ ପହୁଡ଼ ଫିଟାଯାଇ ପୁନଃ ସ୍ନାନ ମାର୍ଜନା କାରାଯାଇ ମା ମଙ୍ଗଳାଙ୍କୁ ମହିଷା ମର୍ଦ୍ଦିନୀ ବେଶରେ ସଜ୍ଜିତ କରାଯାଇଥିଲା କ୍ଷ ମୁଣ୍ମୟୀ ମହିଷାସୁର ଓ ସିଂହ କୁ ମା ଙ୍କ ପାଦତଳେ ରଖାଯାଇ ମା ଙ୍କ ତ୍ରିଶୁଳ ମହିଷାସୁରର ବକ୍ଷଭେଦ କରିଥାଏ କ୍ଷ ଏହାହିଁ ମା ଙ୍କ ମହିଷାମର୍ଦ୍ଦିନୀ ବେଶ କ୍ଷ ବେଶ ସରିବା ପରେମା ଙ୍କ ଚଳନ୍ତି ପ୍ରତିମା ରନ୍‌ଗିରି କୁ ବିଜେକରି ମହିଷାସୁର କୁ ଠାବ କରି ଫେରିବା ପରେ ମଙ୍ଗଳା ଓ ଦୁର୍ଗା ଙ୍କୁ ଜଗତି ପୂଜା କରାଯାଇଥିଲା କ୍ଷ ମଙ୍ଗଳା ଓ ଦୁର୍ଗା ଗର୍ଭ ଗୃହକୁ ଫେରିବାପରେ ସର୍ବସାଧାରଣ ଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲିଥିଲା କ୍ଷ ପରେ ରାତ୍ର ଧୂପ ଓ ବଡ଼ସିଂହାର ନୀତି ପରେ ମନ୍ଦିର ପୁରୋହିତ, ଶୋଡଶ ଉପଚାର ପୂଜାପଣ୍ଡା ଓ ପାଳିଆ ସେବକ ଙ୍କ ଦ୍ୱାରା ସନ୍ଧିପୂଜା, ହୋମଯଜ୍ଞ ଓ କୁଷ୍ମାଣ୍ଡ ବଳି ଦିଆଯାଇଥିଲା କ୍ଷ ଆଜିର ପାଳିଆ ସେବକ ଭାବେ ନୋଳିଆ ପାଢ଼ୀ ଦାୟିତ୍ୱ ତୁଲାଇଥିବା ବେଳେ ତପନ କୁମାର ଦୀକ୍ଷିତ ପୂଜାପଣ୍ଡା ସେବକ ଓ ସୁରେଶ ଚନ୍ଦ୍ର ତ୍ରିପାଠୀ ପୁରୋହିତ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

## ଏମ୍‌ସ ଭୁବନେଶ୍ୱରରେ ଆରମ୍ଭ ହେଲା ଇ-ପେମେଂଟ ବ୍ୟବସ୍ଥା

ଭୁବନେଶ୍ୱର, ୨୧।୧୦(ପି.ଏନ): ବିଲିଂ କାଉଂଟରରେ ଦୀର୍ଘ ସମୟ ପାଇଁ ଧାଡ଼ିରେ ଠିଆ ହୋଇ ଅପେକ୍ଷା କରିବା ସମୟ ଗଲା। ଏମ୍‌ସ ଭୁବନେଶ୍ୱରରେ ଶୁକ୍ରବାର ଇ-ପେମେଂଟ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଏଣିକି ଘରୁ ଥାଇ ମଧ୍ୟ ବିଭିନ୍ନ ପରୀକ୍ଷା ନିମନ୍ତେ ପେମେଂଟ୍ କରିପାରିବେ ସାଧାରଣଲୋକ। ଏମ୍‌ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ଜରିଆରେ ୟୁପିଆଇ ଆଇଡି ବ୍ୟବହାର କରି ବିଭିନ୍ନ କାର୍ଡ/ ନେଟ୍ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ହୋଇପାରିବ ପେମେଂଟ୍ ବ୍ୟବସ୍ଥା। ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର(ଡ.) ଆଶୁତୋଷ ବିଶ୍ୱାସ ଆଜି ଏହି ଜନହିତକାରୀ ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ଏହା ଦ୍ୱାରା ଆଉ ଲମ୍ବା ସମୟ ପାଇଁ ଧାଡ଼ିରେ ଠିଆ ହେବାର ଆବଶ୍ୟକତା ରହିବ ନାହିଁ। ଏପରିକି ଦେଶର ଯେକୌଣସି ସ୍ଥାନରୁ ମଧ୍ୟ ରୋଗୀଙ୍କ ସମ୍ପର୍କୀୟମାନେ ଏହି ପେମେଂଟ୍ କରିପାରିବେ। ଫଳରେ ରୋଗୀ କିମ୍ବା ତାଙ୍କର ସମ୍ପର୍କୀୟମାନେ ଆଉ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବନାହିଁ ବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି। ଏହାଦ୍ୱାରା ସମୟ ସଂଚୟ ହେବା ସହିତ ଚିକିତ୍ସାସେବା ଜଲ୍‌ଦି ହୋଇପାରିବ। ଏହି ଜାତୀୟ ଅନୁଷ୍ଠାନ ପକ୍ଷରୁ ଆଜିଠାରୁ ପ୍ରଚଳିତ ହୋଇଥିବା ଏହି ଡିଜିଟାଲ୍ ପେମେଂଟ ବ୍ୟବସ୍ଥା ପୁରା ଦେଶରେ ମଧ୍ୟ ଅଭିନବ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଏମ୍‌ସ ଭୁବନେଶ୍ୱରର ଏହି ଇ-ପେମେଂଟ ବ୍ୟବସ୍ଥାର ଲାଭ ପାଇବାକୁ ହେଲେ, ଜଣେ ବ୍ୟକ୍ତିଙ୍କୁ ନିଜ ମୋବାଇଲ୍ ରେ କିଛି ପ୍ରକ୍ରିୟା ଅନୁସରଣ କରିବାକୁ ପଡ଼ିବ। ପ୍ରଥମ ସୋପାନରେ ବ୍ୟକ୍ତିଙ୍କୁ ଗୁଗୁଲ୍ ପ୍ଲେ ଷ୍ଟୋରରୁ "ଏମ୍‌ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍"ଡାଉନଲୋଡ୍ କରିବାକୁ ପଡ଼ିବ। ଦ୍ୱିତୀୟ ପର୍ଯ୍ୟାୟରେ, ତାଙ୍କୁ ପଞ୍ଜୀକୃତ ମୋବାଇଲ୍ ନମ୍ବର ସହିତ ଲଗ୍‌ଇନ୍ କରିବାକୁ ହେବ। ପରବର୍ତୀ ପଦକ୍ଷେପ ସ୍ୱରୂପ ହିତାଧିକାରୀଙ୍କ ମୋବାଇଲ୍ କୁ ଏକ ଓଟିପି ନମ୍ବର ଆସିବ। ଓଟିପି ନମ୍ବର ଦେବା ପରେ ସ୍ୱାସ୍ଥ୍ୟ ଆପ୍ ର ପେଜ୍ ମୋବାଇଲ୍ ରେ ଡିସ୍‌ପ୍ଲେ ହେବ। ଏହା ପରେ ଉପଭୋକ୍ତାଙ୍କୁ ବିଲିଂ ପ୍ରକ୍ରିୟା ଚୟନ କରିବାକୁ ପଡିବ, ଯାହା ପରେ ଡିଜିଟାଲ ପେମେଂଟ ପ୍ରକ୍ରିୟା ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ଉପଭୋକ୍ତା ନିଜର ସୁବିଧା ଅନୁଯାୟୀ ଡିଜିଟାଲ୍ ପେମେଂଟ୍ ବ୍ୟବସ୍ଥା ଚୟନ କରିବେ। ପେମେଂଟ୍ ପ୍ରକ୍ରିୟା ସମାପ୍ତ ହେବା ପରେ ଏକ ରସିଦ ପ୍ରଦର୍ଶିତ ହେବ ଯାହା ପରବର୍ତୀ ବ୍ୟବହାର ପାଇଁ ଡାଉନଲୋଡ୍ ହୋଇ ବ୍ୟବହାର ହୋଇପାରିବ। ଦେୟ ପ୍ରକ୍ରିୟା ସମାପ୍ତ ହେବା ପରେ ରୋଗୀମାନେ ସିଧାସଳଖ ନମୁନା ସଂଗ୍ରହ କାଉଂଟରକୁ ଯାଇପାରିବେ। ନିଜେ କିମ୍ବା ନିଜ ସମ୍ପର୍କୀୟଙ୍କ ମାଧ୍ୟମରେ ଉପରୋକ୍ତ ପ୍ରକ୍ରିୟା ସମାପନ ହୋଇପାରି। ଏନେଇ ବିକଶିତ ଆପ୍ ଜରିଆରେ ଖୁବ୍ କମ ସମୟରେ ସମସ୍ତ ପ୍ରକ୍ରିୟା ସମାପନ ହେଉଛି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସଙ୍କ ସମେତ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଭାରପ୍ରାପ୍ତ ଡିଡିଏ ରଶ୍ମି ରଂଜନ ସେଠୀ, ଆଇଟି ଚେୟାରମ୍ୟାନ୍ ଡ. ମନୋଜ କୁମାର ମହାନ୍ତି ଏବଂ ଆଇଟି ବିଭାଗର ସଦସ୍ୟମାନେ ଉପସ୍ଥିତ ଥିଲେ।ଉଲ୍ଲେଖଯୋଗ୍ୟଯେ ପେପରଲେସ ଅଫିସ୍ ନିମନ୍ତେ ଏମ୍‌ସ ଭୁବନେଶ୍ୱର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି। କିଛିଦିନ ତଳେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଇ-ଅଫିସ୍ ବ୍ୟବସ୍ଥାର ପ୍ରଚଳନ କରିସାରିଛି। ଆଜି ଆରମ୍ଭ ହୋଇଥିବା ଇ-ପେମେଂଟ୍ ବ୍ୟବସ୍ଥାର ବ୍ୟାପକ ପ୍ରଚଳନ ନିମନ୍ତେ ଏମ୍‌ସ ପକ୍ଷରୁ ସମସ୍ତଙ୍କୁ ସଚେତନ କରାଯିବ। ଯାହାଫଳରେ ଭିଡ଼କୁ ନିୟନ୍ତ୍ରଣ କରାଯାଇପାରିବ। ସୂଚନାଯୋଗ୍ୟଯେ ଏମ୍‌ସ ଭୁବନେଶ୍ୱରକୁ ଦୈନିକ ଚାରି ହଜାରରୁ ସାଢ଼େଚାରିହଜାର ରୋଗୀ ଚିକିତ୍ସାସେବା ନିମନ୍ତେ ଆସୁଛନ୍ତି।

## ଗାଁରେ ବ୍ୟାପୁଛି ଝାଡାବାନ୍ତି; ଜଣେ ମୃତ, ୪୭ ଆକ୍ରାନ୍ତ !



ଭୁବନେଶ୍ୱର,୨୧।୧୦(ପି.ଏନ); ଗାଁରେ ବ୍ୟାପୁଛି ଝାଡାବାନ୍ତି। ଗତ ତିନି ଦିନରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୭ ଜଣ ଅସୁସ୍ଥ ହୋଇ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଏପରି ଖବର ଆସିଛି ସମ୍ବଲପୁର ଜିଲ୍ଲା ମହମ୍ମଦପୁର ଗାଁରୁ। ଦୂଷିତ ପାଣି ପିଇବା ଯୋଗୁ ଝାଡାବାନ୍ତି ବ୍ୟାପୁଥିବା ଅନୁମାନ କରାଯାଉଛି।ହୀରାକୁଦ ଡ୍ୟାମ୍ ଉପକଣ୍ଠ ମହମ୍ମଦପୁର ଗାଁରେ ବ୍ୟାପୁଛି ଝାଡ଼ାବାନ୍ତି। ଏହି ରୋଗ ଏବେ ଘରକୁ ଘର ବ୍ୟାପିବାରେ ଲାଗିଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୭ ଜଣ ଆକ୍ରାନ୍ତ ହୋଇ ହୀରାକୁଦ ଓ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଦୂଷିତ ପାନୀୟ ଜଳ ପିଇବା ଯୋଗୁ ଗାଁ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବା ଆଲୋଚନା ହେଉଛି।

## କେମିତି ହେଲା ଏଏସ୍‌ଆଇ ଆଲିଶା ଲୁଗୁନଙ୍କ ମୃତ୍ୟୁ ଆସିଲା ଶବ ବ୍ୟବଚ୍ଛେଦ ରିପୋର୍ଟ

ଭୁବନେଶ୍ୱର,୨୧।୧୦(ପି.ଏନ): ରାଉରକେଲା ଉଦିତନଗର ଥାନା ଏଏସ୍‌ଆଇ ଆଲିଶା ଲୁଗୁନଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ତାଙ୍କୁ ହତ୍ୟା କରାଯାଇନାହିଁ। ଏକ ପ୍ରକାର ରୋଗ ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ଆଜି ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।ଏସ୍‌ପି ମିତ୍ରଭାନୁ ମହାପାତ୍ର କହିଛନ୍ତି, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏକ ଡାକ୍ତରୀ ଟିମ୍ ତାଙ୍କର ଶବ ବ୍ୟବଚ୍ଛେଦ କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆମେ ତାକୁ ଏମ୍ସକୁ ପଠାଇଥିଲୁ। ଏମ୍ସର ଫୋରେନସିକ୍ ମେଡିସିନର ପ୍ରଫେସର ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଯାଞ୍ଚ କରିଥିଲେ।

## ଦୁଇ ଟ୍ରକ୍ ମଝିରେ ଚାପି ହୋଇଗଲା କାର୍, ୨ ମହିଳା ମୃତ



ଭୁବନେଶ୍ୱର,୨୧।୧୦(ପି.ଏନ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଘାଟିରେ ଆଜି ଅପରାହ୍ଣରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମୃତାହତମାନେ ଗୋଟିଏ ପରିବାରର। ସେମାନଙ୍କ ଘର ପଶ୍ଚିମବଙ୍ଗର ଖଡଗପୁର ଅଞ୍ଚଳରେ। ସେମାନେ ବାଙ୍ଗିରିପୋଷି ଘାଟିରେ ଥିବା ଦୁଆରଶୁଣୀ ମନ୍ଦିରରୁ ଦର୍ଶନ ସାରି ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅପରାହ୍ଣ ପ୍ରାୟ ଅଢ଼େଇଟା ବେଳେ ସେମାନେ କାରରେ ଘାଟି ରାସ୍ତା ଓହ୍ଲାଉଥିବା ବେଳେ ପଛପଟୁ ଏକ ଆଇରନ୍ ବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ କାର୍‌ଟି ତା' ଆଗରେ ଥିବା ଆଉ ଏକ ଟ୍ରକ୍ ପଛରେ ପିଟି ହୋଇଯାଇଥିଲା। କାର୍‌ଟି ଦୁଇଟି ଯାକ ଟ୍ରକ୍ ମଝିରେ ଚାପିହୋଇ ରହିଯାଇଥିଲା।

## ରାଜସ୍ଥାନ ବିଧାନସଭା ନିର୍ବାଚନ, ପୁଣି ମୈଦାନକୁ ଓହ୍ଲାଇବେ ବସୁନ୍ଧରା



ନୂଆଦିଲ୍ଲୀ,୨୧।୧୦(ପି.ଏନ): ପାଖେଇ ଆସୁଛି ହାଇଭୋଲଟେଜ ରାଜସ୍ଥାନ ବିଧାନସଭା ନିର୍ବାଚନ। ଏଥିପାଇଁ ସବୁ ଦଳର ନେତାଙ୍କ ମଧ୍ୟରେ ଚାଲିଛି ଜୋରସୋର୍‌ରେ କସରତ। ଏହାରି ଭିତରେ ପୁଣି ମୈଦାନକୁ ଓହ୍ଲାଇବାକୁ ସଜବାଜ ହୋଇଛନ୍ତି ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆ। ଏଥର ସେ ତାଙ୍କର ଚିରାଚରିତ ଆସନ ଝାଲରାପାଟନରୁ ନିର୍ବାଚନ ଲଢ଼ିବେ। ଏଥିପାଇଁ ବିଜେପି ତାଙ୍କୁ ଟିକେଟ୍ ଦେଇଛି।ରାଜସ୍ଥାନ ବିଧାନସଭା ନିର୍ବାଚନ ପାଇଁ ନିଜର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି ବିଜେପି। ଦ୍ୱିତୀୟ ପର୍ଯ୍ୟାୟରେ ବିଜେପି ୮୩ ଜଣଙ୍କ ନାମ ଘୋଷଣା କରିଛି । ଏହି ତାଲିକାରେ ବିଜେପି ଏହାର ବହୁ ବଡ ନେତାଙ୍କ ନାଁ ରହିଛି। ଦଳ ଏଥର ଅସନ୍ତୁଷ୍ଟ ଥିବା ବସୁନ୍ଧରା ରାଜେ ସିନ୍ଧିଆଙ୍କୁ ତାଙ୍କର ଚିରାଚରିତ ଆସନ ଝାଲରାପାଟନରୁ ପ୍ରାର୍ଥୀ କରିଛି। ସେହିପରି ସତୀଶ ପୁନିଆଙ୍କୁ ଅମ୍ବେରରୁ ପ୍ରାର୍ଥୀ କରାଯାଇଛି।

## ପାରାଦୀପ ବନ୍ଦର କୁ ସାମୁଦ୍ରିକ ଏବଂ କାର୍ଯ୍ୟ ପ୍ରଣାଳୀ ଉତ୍କର୍ଷତା ସମ୍ମାନ : ୧ ଲକ୍ଷ କୋଟି ପୁଞ୍ଜି ନିବେଶ ପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ



ପାରାଦୀପ,୨୧।୧୦(ପି.ଏନ):ମୁମ୍ବାଇ ଠାରେ ତିନିଦିନ ଧରି ଚାଲିଥିବା ବିଶ୍ୱ ସାମୁଦ୍ରିକ ଭାରତ ସମ୍ମିଳନୀ-୨୦୨୩ ଗତ ଅକ୍ଟୋବର ୧୯ ତାରିଖ ଦିନ ଉଦଯାପିତ ହୋଇଯାଇଛି କ୍ଷ ଏହି ସମ୍ମିଳନୀ କୁ ଭିଡିଓ କନଫରେନସିଙ୍ଗ ମାଧ୍ୟମରେ ଉଦଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅମୃତକାଳ ଭିଜନ ୨୦୪୭ ସୁଦ୍ଧା ୧୦ ଲକ୍ଷ କୋଟି ନିବେଶ ଯୋଜନା ଅନ୍ତର୍ଗତ ପ୍ରାୟ ୨୩ ହଜାର କୋଟି ଟଙ୍କା ର ପ୍ରକଳ୍ପ ଉଦଘାଟନ କରିଥିଲେ କ୍ଷ ସେଥିମଧ୍ୟରୁ କେବଳ ପାରାଦୀପ ବନ୍ଦର ପାଇଁ ୯ ହଜାର କୋଟି ଟାଙ୍କର ପ୍ରକଳ୍ପ ଅନ୍ତର୍ଭୁକ୍ତ କ୍ଷ ଏଥିରୁ ୬୫୫.୫୬ କୋଟି ବ୍ୟୟ ରେ ୧୦ ଏମଟିପିଏ କ୍ଷମତା ବିଶିଷ୍ଟ ଆଇରନ ଓର ବର୍ଥ, ୧୪୩୭.୭୬ କୋଟି ଟଙ୍କାର ୩୦ ଏମଟିପିଏ କ୍ଷମତାର ଇକ୍ୟୁ ୧,୨ ଓ ୩ ନମ୍ବର ବର୍ଥ ର ଯାନ୍ତ୍ରିକରଣ, ୩୨୦୦ କୋଟି ଟଙ୍କା ନିବେଶରେ ୮୨ କିଲୋମିଟର ଦୀର୍ଘ ହରିଦାସପୁର ଓ ପାରାଦୀପ ରେଳପଥ ପ୍ରକଳ୍ପ ନିର୍ମାଣ ଅନ୍ତର୍ଭୁକ୍ତ କ୍ଷ ଏତଦବ୍ୟତୀତ ବନ୍ଦରର ପଶ୍ଚିମ ପୋତାଶ୍ରୟ ର ଉନ୍ନତି କରଣ ଲାଗି ୩୦୦୪.୬୩ କୋଟି ମୂଲ୍ୟର ପ୍ରକଳ୍ପ କାର୍ଯ୍ୟକ୍ଷମ ଯାହାର ଶିଳାନ୍ୟାସ ଉକ୍ତ କାର୍ଯ୍ୟକ୍ରମରେ କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ, ଜଳମାର୍ଗ ଏବଂ ଆୟୁଷ ମନ୍ତ୍ରଣାଳୟ ମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲ, ଶିକ୍ଷା ଓ ଦକ୍ଷତା ବିକାଶ ତଥା ଉଦ୍‌ଯୋଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଗୁଜରାତ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲ, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ,ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ ଓ ଶାନ୍ତନୁ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଏହି ଅବସରରେ ପାରାଦୀପ ବନ୍ଦର କୁ ମେରିଟାଇମ ଓ ପୋର୍ଟ ଅପରେସନାଲ ଏକସିଲେନ୍ସ ୨୦୨୩ ଆୱାର୍ଡ ପ୍ରଦାନ କରାଯାଇଥିଲା । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଓ ଉପାଧ୍ୟକ୍ଷ ନୀଲର୍ଭ ଦାସଗୁପ୍ତା ଏହି ପୁରସ୍କାର ଗ୍ରହଣ କରିଥିଲେ କ୍ଷ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ପାରାଦୀପ ବନ୍ଦରର ଏହି ସଫଳତା ପାଇଁ ସମସ୍ତ କର୍ମଚାରୀ ଓ ବନ୍ଦର ବ୍ୟବହାରକାରୀ ଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି କ୍ଷ ତେବେ ଏହି ତିନିଦିନ ବ୍ୟାପି ସମ୍ମିଳନୀ ରେ ପାରାଦୀପ ବନ୍ଦରରେ ବ୍ୟବସାୟ ପାଇଁ ବିଭିନ୍ନ ନିବେଷକ ପ୍ରାୟ ଏକ ଲକ୍ଷ ଟଙ୍କା ର ପୁଞ୍ଜି ନିବେଶ ପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ କରିଥିଲେ କ୍ଷ ଏତଦବ୍ୟତୀତ ଏହି ସମ୍ମିଳନୀ ରେ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ ସମ୍ପର୍କିତ ଆୟୋଜିତ ଦୁଇଟି ସେମିନାର ରେ ପାରାଦୀପ ବନ୍ଦର କୁ ଦ୍ୱିତୀୟ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଥିଲା କ୍ଷ ସେହିପରି ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ଏକ ପ୍ରଦର୍ଶନୀ ପ୍ରମୁଖ ଆକର୍ଷଣ ଥିଲା, ଯାହା ମନ୍ତ୍ରୀ ଏବଂ ସଚିବ ମାନେ ପରିଦର୍ଶନ କରି ବେସ ପ୍ରଶଂସା କରିଥିଲେ ।

## ରାଜ୍ୟରେ ପାନୀୟ ଜଳ ଯୋଗାଣରେ ଅନିୟମିତତା ନେଇ ବର୍ଷିଲା ବିଜେପି

ଭୁବନେଶ୍ୱର, ୨୧।୧୦(ପି.ଏନ): ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମୀଣ ପରିବାରକୁ ପାଇପ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ୨୦୨୨ ମସିହାରେ ସରକାର କହିଥିଲେ। ରାଜ୍ୟରେ ଘର ସଂଖ୍ୟା ୮୮ଲକ୍ଷ ୩୩,୫୩୬। ପାଇପ ଜଳ ସଂଯୁକ୍ତ ଘର ୨୦୨୨ସୁଦ୍ଧା ୪୪ପ୍ରତିଶତ ଥିଲାବେଳେ ବର୍ତମାନ ୨୦୨୩-୨୪ରେ ଏହା ୫୮ପ୍ରତିଶତ ବୋଲି କୁହାଯାଉଛି। ଅଧିକାଂଶ ଗାଁ ଓ ପଡା ଗାଁରେ ଟ୍ୟାପ ପାଇପର ଜଳ ସଂଯୁକ୍ତ ହୋଇନାହିଁ । ଲୋକଙ୍କୁ ନାହିଁ ପିଇବା ପାଣି, ପ୍ରଚାର ସର୍ବସ୍ୱ ବିକାଶ କାହାଣୀ ବୋଲି ବିଜେପି ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ କହିଛନ୍ତି ।ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବଳିୟାରସିଂହ କହିଛନ୍ତି ଯେ, ଓଡିଶା ଦେଶର ଚତୁର୍ଥ ଡାଇରିଆ ପ୍ରବଣ ରାଜ୍ୟ। ନିକଟରେ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ପଂଚଧାରା ଅଂଚଳର ୪ଟି ଗାଁ(ଧଣ୍ଡାତୋଗା, ବାସୁଦେବପୁର, ଆରାମପୁର, ଅମାସମାବାଶି)ରେ ପାନୀୟ ଜଳ ସଂକଟରୁ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ କିଡନି ରୋଗାକ୍ରାନ୍ତ ହେଲାବେଳେ ୧୮ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ବଲାଙ୍ଗିର ଜିଲ୍ଲାର ବୁଢା, ବାଦିବାହାଲ, କଦଳୀପାଲି, ଅଗଲାପାଲି, ଭାଲୁପାଲି ଆଦି ଅଂଚଳରେ ୩୦ପ୍ରତିଶତରୁ ଅଧିକ ଲୋକ କିଡନି ରୋଗରେ ଆକ୍ରାନ୍ତ।ରାଜ୍ୟକୁ ୨୦୨୧-୨୨ ରୁ ୨୦୨୫-୨୬ମଧ୍ୟରେ ପଂଚଦଶ ଅର୍ଥକମିଶନ ୫୨୮୦କୋଟି ଗ୍ରାଂଟ ଆସିଥିଲାବେଳେ ୨୦୧୯-୨୦ରୁ ୨୦୨୩-୨୪ମଧ୍ୟରେ ଜଳ ଜୀବନ ମିଶନରେ ୧୦,୨୧୫କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ମିଳିଥିବାବେଳେ ରାଜ୍ୟ ସରକାର ୨୦୨୦-୨୧ରେ ୨୦୩କୋଟି, ୨୦୨୧-୨୨ରେ ୮୩୦ କୋଟି, ୨୦୨୨-୨୩ରେ ୧,୮୩୯କୋଟି ଟଙ୍କା ମୋଟ ୨,୮୭୩କୋଟି ଟଙ୍କା ରାଜ୍ୟ ସରକାରଙ୍କ ଅଯୋଗ୍ୟତା ଓ ଅପାରଗତା କାରଣରୁ ଖର୍ଚ୍ଚ ନହୋଇ ଫେରିଯାଇଛି । ରାଜ୍ୟ ସରକାର କେନ୍ଦ୍ରୀୟ ସହାୟତା ପଂଚଦଶ ଅର୍ଥ କମିଶନ ଓ ଜଳଜୀବନ ମିଶନ ଅର୍ଥ ସମ୍ପର୍କରେ ସାଧାରଣରେ ଉଲ୍ଲେଖ କରିବା ପରିବର୍ତେ ବସୁଧା ଯୋଜନାରେ ଲୋଗୋ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ପ୍ରଦର୍ଶନ କରିବାରେ ବ୍ୟସ୍ତ ଅଥଚ କେନ୍ଦ୍ର ସରକାରଙ୍କ ଲୋଗୋ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋ ନାହିଁ। ରାଜ୍ୟ ସରକାର ବିଭିନ୍ନ ମେଗା ୱାଟର ସପ୍ଲାଏ ପ୍ରୋଜେକ୍ଟ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯାହାକି ମହାଦୁର୍ନୀତିର ମେଗାଉସ। ଏ ସମ୍ପର୍କରେ ଶହ ଶହ ପ୍ରକଳ୍ପ ମଧ୍ୟରୁ ମେଗା ଦୁର୍ନୀତି ବିଷୟରେ ଗୋଟିଏ ଉଦାହରଣ ଯଥେଷ୍ଟ ହେବ। ଭଦ୍ରକ ଜିଲ୍ଲା, ଚାନ୍ଦବାଲି, ତିହିଡି, ବାସୁଦେବପୁର, ଧାମନଗର ଅଚଂଳରେ ହାଇଦ୍ରାବାଦ ସ୍ଥିତ ମେଗା ଇଣ୍ଡଷ୍ଟ୍ରି ଆଣ୍ଡ ଇନ୍‌ଫ୍ରାଷ୍ଟକ୍ଚର କମ୍ପାନୀ ସହ ରାଜ୍ୟ ସରକାର ୨୦୧୯ରେ ଚୁକ୍ତି କରିଥିଲେ। ୨୦୧୪ ଫେବୃୟାରୀ ୨୦୨୧ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାରେ ଥିଲେ ମଧ୍ୟ ଧାର୍ଯ୍ୟ ସମୟର ଅଢ଼େଇବର୍ଷ ପରେ ବି ମାତ୍ର ୭୬ପ୍ରତିଶତ ସମ୍ପର୍ଣ୍ଣ ହୋଇଛି। ପ୍ରକଳ୍ପର ଆକଳନ ମୂଲ୍ୟ ୭୫୦କୋଟି ଟଙ୍କା ଥିଲାବେଳେ ଚୁକ୍ତିର ୯୩ପ୍ରତିଶତ ୬୯୩କୋଟି ଟଙ୍କା ସମ୍ପୃକ୍ତ କମ୍ପାନୀକୁ ଦିଆସରିଛି। ରାଜ୍ୟ ସରକାର ଦାବି କରୁଛନ୍ତି ୯,୬୭୧ଗାଁକୁ ଶତପ୍ରତିଶତ ଟ୍ୟାପଜଳ ଯୋଗାଇ ଦିଆଯାଇଛି। ବାସ୍ତବ ସ୍ଥିତି ଅଲଗା। ରାଜ୍ୟ ସରକାର ପାଣି ପାଇଁ ଡହଳ ବିକଳ ହେଉଥିବା ଲୋକଙ୍କୁ ମୁନ୍ଦାଏ ପାଣି ଦେବାରେ ଅସମର୍ଥ। ଯଥାଶୀଘ୍ର ଯୁଦ୍ଧକାଳୀନ ଭିତିରେ ରାଜ୍ୟର ସମସ୍ତ ଗାଁ ଓ ପରିବାରକୁ ଟ୍ୟାପ ୱାଟର ଯୋଗେ ଜଳଯୋଗାଣ କରାଯାଉ। କେନ୍ଦ୍ରୀୟ ଅନୁଦାନର ସମ୍ପୂର୍ଣ୍ଣ ବିନିଯୋଗ ହୋଇନଥିବା ଅର୍ଥ ଓ ସରେଣ୍ଡର ହେଉଥିବା ଅର୍ଥ ପାଇଁ କାର୍ଯ୍ୟାନୁଷ୍ଠାନ କରାଯାଉ। ଫ୍ଲୋରାଇଡ ଓ ପ୍ରଦୂଷିତ ଜଳଉତ୍ସ ଗାଁରେ ଅଗ୍ରାଧିକାର ଭିତିରେ ପାନୀୟ ଜଳଯୋଗାଣ କରାଯାଉ। କେନ୍ଦ୍ରୀୟ ନିର୍ଦ୍ଦେଶ ନାମା ଅନୁସାରେ ପ୍ରତ୍ୟେକ ଗାଁରେ ଗ୍ରାମ୍ୟ ଜଳପରିମଳ କମିଟି ଗଠନ ହେଉ। ମାତ୍ରାଧିକ ଅର୍ଥ ବ୍ୟୟ ବ୍ୟବସ୍ଥା ଓ ଦୁର୍ନୀତି, ଭ୍ରଷ୍ଟାଚାର ବନ୍ଦ କରି ସୁଖି ଓଡିଶା କୁହାଯାଉଥିବା ଦୁଃଖି ଲୋକଙ୍କୁ ମୁନ୍ଦାଏ ପାଣି ଦେବା ପାଇଁ ସର୍ବନିମ୍ନ ଆନ୍ତରିକତା ଓ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ଶ୍ରୀ ବଳିୟାରସିଂହ କହିଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଏବଂ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମଝି ଆକାଶରେ ବ୍ୟାଗ୍‌ରେ ବୋମା ଅଛି କହି ଚିତ୍କାର କଲେ ଯାତ୍ରୀ




ନୂଆଦିଲ୍ଲୀ,୨୧।୧୦(ପି.ଏନ):ମଝି ଆକାଶରେ ଆତଙ୍କ ଖେଳାଇଲେ ଯାତ୍ରୀ। ବ୍ୟାଗ୍ ?ରେ ବୋମା ଅଛି କହି ଚିତ୍କାର କଲେ। ଫଳରେ ପୁଣେରୁ ଦିଲ୍ଲୀ ଯାଉଥିବା ଆକାଶ ଏୟାର୍ ବିମାନକୁ ମୁମ୍ବାଇ ବିମାନ ବନ୍ଦରରେ ଏମରଜେନ୍ସି ଲ୍ୟାଣ୍ଡିଂ କରାଯାଥିଲା। ଏନେଇ ଆଜି ସରକାରୀ ଅଧିକାରୀମାନେ କହିଛନ୍ତି।ସୂଚନା ମୁତାବକ, ଗତକାଲି ୧୮୫ ଯାତ୍ରୀ ଓ ୬ଜଣ ବିମାନ କର୍ମଚାରୀଙ୍କୁ ନେଇ ପୁଣେ ବିମାନ ବନ୍ଦରରୁ ଉଡାଣ ଆରମ୍ଭ କରିଥିଲା ଆକାଶ ଏୟାର ବିମାନ। ତେବେ ଉଡାଣ ଭରିବାର ପ୍ରାୟ ୪୦ ମିନିଟ୍ ପରେ ଜଣେ ଯାତ୍ରୀ ତାଙ୍କ ବ୍ୟାଗ୍ ? ବୋମା ଅଛି କହି ହଠାତ ଚିତ୍କାର କରିଥିଲେ। ଏହାପରେ ବିମାନଟିକୁ ମୁମ୍ବାଇ ବିମାନ ବନ୍ଦର ଜରୁରୀ ଅବତରଣ କରାଯାଇଥିଲା।










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ।
ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହେଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଲା ସମ୍ବରଣ କରିଥିଲେ।
ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଶରଣାଗତି ଯୋଗ

ପିଲାବେଳେ ଆମେମାନେ ଏକ ଗପ ଶୁଣିଥିଲୁ। ସେଥିରେ ଯେତିକି ମଜା କଥା ଅଛି ସେତିକି ନୈତିକତା ମଧ୍ୟ ଲୁଚି ରହିଛି। ଜଣେ ମହିଳା କୃଷ୍ଣଙ୍କର ଅତି ଭକ୍ତ। ସେ ସିଦ୍ଧାନ୍ତ କରି ନେଇଥାନ୍ତି ଯେ ସେ ଯାହା କରିବେ ସବୁ କୃଷ୍ଣଙ୍କୁ ଅର୍ପଣ କରି କରିବେ। ତାଙ୍କ ଭାବ ଏତେ ଦୃଢ଼ ଓ ନିର୍ମଳ ଯେ ସେ ଗୋବରରେ ଘସି ପାରୁ ପାରୁ ଯଦି କେହି ଦେବେ 'କୃଷ୍ଣାର୍ପଣମସ୍ତୁ' ମନ୍ଦିର ପୂଜକ ଠାକୁରଙ୍କୁ ଧୋଇ ଧୋଇ ହରାଇଣ ହୋଇଯାଆନ୍ତି। କିନ୍ତୁ କ'ଣ କରାଯିବ? ପରିଶେଷରେ ସେ ଏ ସ୍ତ୍ରୀଲୋକ କଥା ଜାଣିବାକୁ ପାଇଲେ ଏବଂ ନିଶ୍ଚିତ ହୋଇଗଲେ ଯେ ଏ ସ୍ତ୍ରୀଲୋକଟି ବଞ୍ଚିଥିବା ପର୍ଯ୍ୟନ୍ତ ଠାକୁରଙ୍କ ଦେହରେ ଗୋବର ପଡ଼ିବାରୁ ଆଉ ରକ୍ଷା ନାହିଁ।

ଦିନେ ସ୍ତ୍ରୀ ଲୋକଟି ଶକ୍ତ ବେମାର ପଡ଼ିଲେ ଓ ମୃତ୍ୟୁ ସମୟ ପାଖେଇ ଆସିଲା। ମହିଳା ଜଣକ ନିଜ ମୃତ୍ୟୁକୁ ମଧ କୃଷ୍ଣଙ୍କୁ ଅର୍ପଣ କରିଦେଲେ। ମୃତ୍ୟୁ ଦୂତ ସିଧା କୃଷ୍ଣଙ୍କ ମନ୍ଦିରକୁ ଯାଇ ମନ୍ଦିରକୁ ଭାଙ୍ଗି ଦେଲା। କୃଷ୍ଣ ନାମ ଧ୍ୟାନ ଆଗରେ ସ୍ୱର୍ଗର ମଧ କିଛି ବିଶେଷ ମୂଲ୍ୟ ନାହିଁ। ତୁମର ପ୍ରତ୍ୟେକ କର୍ମ ଭଲ ହେଉ ବା ମନ୍ଦ, ଈଶ୍ୱରଙ୍କୁ ସମର୍ପିତ ହୋଇ ହେଉ। ଏପରି ହେଲେ ଚମତ୍କାର ଫଳାଫଳ ମିଳିବ। ମାଟିଆ ବା ନାଲିଆ ରଙ୍ଗର ଧାନକୁ ଭାଜି ଦେଲେ ସୁନ୍ଦର ସଫେଦ ଖଇ ମିଳୁଛି। ଏ ପରିବର୍ତ୍ତନ କେବଳ ଅଗ୍ନି ଯୋଗୁଁ ସମ୍ଭବ। ଗମହକୁ ଚୁରିଲେ ଆମେ ଶୁଭ୍ର କୋମଳ ଅଟା ପାଉ। ସେହିଭଳି ଛୋଟ ବଡ଼, ସମସ୍ତ କର୍ମ ଯଦି ଭକ୍ତିପୂର୍ଣ୍ଣ ଓ ଉତ୍ସର୍ଗୀକୃତ ଭାବେ କରାଯାଏ ତାହାହେଲେ ସେଗୁଡ଼ିକ ମଧ ଉଚ୍ଚମାନ ପ୍ରାପ୍ତ ହେବେ। ଭକ୍ତିଭାବ ଯୁକ୍ତ କର୍ମ ମୂଲ୍ୟବାନ ଓ ମହାନ ହୋଇଯାଏ। ସେ ଦୃଷ୍ଟିରୁ ଫୁଲଟିଏ, ବେଲପତ୍ର ବା ତୁଳସୀ ପତ୍ରଟିକୁ ସାଧାରଣ ଜିନିଷ ବୋଲି ଭାବ ନାହିଁ।

ଯାହା କରାଯାଉ, ଯଦି ତାହା ଭାବ ବିଜଡ଼ିତ, ତେବେ ସେ ସବୁ ମହାନ। ଆମେ କେତେ ବେଶୀ ଦେଲୁ ତାହା ବଡ଼ କଥା ନୁହେଁ। କି ପ୍ରକାର ଭାବର ସହ ଦେଲ, ସେ ହେଉଛି ବଡ଼। ଜିନିଷର ଗୁଣ, ମାନ, ପରିମାଣ, ଆକର ବା ମୂଲ୍ୟ ଆଦୌ ବଡ଼ କଥା ନୁହେଁ, ତାହା ଯେଉଁ ଭାବ ଓ ଭକ୍ତିର ସହ ଅର୍ପିତ ହେଲା, ତାହା ବିଚାର୍ଯ୍ୟ। ସେଥିରେ ନିହିତ ଥିବା ଆବେଗ ହିଁ ଗ୍ରହଣୀୟ। ଜୀବନରେ ଆମେ କେତେ ପରିମାଣର କର୍ମ ବା ବ୍ରତ ଆଚରଣ କଲେ ତାହା ଗଣାଯାଏ ନାହିଁ। ପ୍ରଭୁ ଚିନ୍ତାରେ ନିମଜ୍ଜିତ ହୋଇ, ପ୍ରଭୁ ଚରଣରେ ସମର୍ପିତ ଭାବ ବିଜଡ଼ିତ କୌଣସି ଗୋଟିଏ କାମ ମଧ ଆମକୁ ସର୍ବାଧିକ ଓ ସମ୍ପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ। ସଂକ୍ଷେପରେ କହିବାକୁ ଗଲେ ଆମେ ଯଦି ଆମର ସରଳ ଓ କ୍ଷୁଦ୍ର କର୍ମମାନ ଭଗବତ ପଦାର୍ପିତ ହୋଇ କରିବା ତାହାହେଲେ ମୋକ୍ଷ ପ୍ରାପ୍ତ ହେବା।

ରାଜଯୋଗରେ କଥିତ ଅଛି - କର୍ମରୁ ବିମୁଖ ହୁଅନାହିଁ। ସେଗୁଡ଼ିକୁ ପ୍ରଭୁଙ୍କୁ ଅର୍ପଣ କରିଦିଅ। ସେଗୁଡ଼ିକ ହିଁ ପୁଷ୍ପାଞ୍ଜଳି। ସାଧନା ସହ ସେଗୁଡ଼ିକୁ ନେଇ ଯାଇ ପ୍ରଭୁ ପାଦପଦ୍ମରେ ଅଜାଡ଼ି ଦିଅ। ଏକ ପକ୍ଷରେ କର୍ମ ଅନ୍ୟ ପକ୍ଷରେ ଭକ୍ତି, ଉଭୟକୁ ସଂଯୋଗ କରି ଅଗ୍ରସର ହୁଅ, ଗୋଟିଏ ସୁନ୍ଦର ଜୀବନ ଗଠନ କର। ଧାନ ବୁଣିବା ଆଉ ଧାନ ଫୋପାଡ଼ିବା ଭିତରେ ଗୋଟିଏ ବଡ଼ ବ୍ୟବଧାନ ରହିଛି। ଯାହା ବୁଣିଛ ସେଥିରୁ ଯଥେଷ୍ଟ ପାଇବ ଯାହା ଫୋପାଡ଼ି ଦେଇଛ ସେ ନଷ୍ଟ ହୋଇଗଲା। ଭଗବାନଙ୍କୁ ଯାହା ସମର୍ପି ଦେଲ ତାହା ବୁଣିବା ସଙ୍ଗେ ସମାନ। ତାହାଦ୍ୱାରା ଅମାପ ଆନନ୍ଦ ଲାଭ କରିବ, ଜୀବନକୁ ପୁତ ପବିତ୍ର ଓ ସଫଳ କରିପାରିବ।

## ୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବ ହୋଲସେଲ ମାର୍କେଟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସହର ଉପକଣ୍ଠ ଜମଧର ଗ୍ରାମପଞ୍ଚାୟତରେ ଥିବା ନିୟନ୍ତ୍ରିତ ବଜାର କମିଟି(ଆର.ଏମ.ସି.) ପରିସରରେ ନିର୍ମାଣ ହେବ ହୋଲସେଲ ବଜାର। ଏଥିପାଇଁ ୭ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ଅର୍ଥ ନିୟନ୍ତ୍ରିତ ବଜାର କମିଟି ତା'ର ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରିବ। ପରେ କେନ୍ଦ୍ର ସରକାର ଏହି ଅର୍ଥ ବହନ କରିବେ। ଏଥିପାଇଁ ୩୨ଟି ଗୋଦାମ ଗୃହ ନିର୍ମାଣ ହେବ। ଏହି ଗୋଦାମ ଗୃହରେ ଚାଷୀମାନେ ଅମଳ କରୁଥିବା ପନି ପରିବା ଓ ସାମଗ୍ରୀ ମହଜୁଦ ହୋଇ ରହିବ ବୋଲି କହିଛନ୍ତି ନିୟନ୍ତ୍ରିତ ବଜାର କମିଟିର ନିର୍ବାହୀ ଅଧିକାରୀ ଅଜୟ କୁମାର ରାଉତ। ସେ କହିଛନ୍ତି ଚାଷୀମାନଙ୍କ ସୁବିଧା ପାଇଁ ଏହା କରାଯାଉଛି। ସେହିପରି ଏହା ପରିସରରେ ୩ କୋଟି ଟଙ୍କା ବ୍ୟୟରେ ଏକ ଦୈନନ୍ଦିନ ବଜାର ମଧ ନିର୍ମାଣ କରାଯିବ। ସେଥିପାଇଁ ୮୦ଟି ଦୋକାନ ଗୃହ ନିର୍ମାଣ ହେବ। ଏହା ପରିସରରେ ଚାଷୀମାନେ ବିଭିନ୍ନ ପ୍ରକାର ଜିନିଷ ବିକ୍ରି କରିପାରିବେ। ନିୟନ୍ତ୍ରିତ ବଜାର କମିଟି ପରିସର ମଧ୍ୟରେ ଜାତୀୟ କୃଷି ବଜାର ଯୋଜନାରେ ୨ କୋଟି ଟଙ୍କା ବ୍ୟୟରେ ସୁନ୍ଦର ରାସ୍ତା ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଯାହା ଫଳରେ ଗାଡି ମଟର ଚାଷୀଙ୍କ ଜିନିଷ ନେଇ ଯିବା ଆସିବା କରିପାରିବ। ଏଥିସହ ଗ୍ରାହକମାନେ ମଧ ଗାଡିମଟର ନେଇ ଯିବା ଆସିବା କରିବା ସୁବିଧା ହେବ। ୧୯୭୯ ମସିହାରେ ଏହି ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଥିଲା। ଏଥିପାଇଁ ୧୯୮୪ ମସିହାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏହା ସହର ଠାରୁ ଦୂରରେ ହୋଇଥିବାରୁ ଲୋକମାନେ ଏହା ପରିସରକୁ ପନି ପରିବା ସମେତ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ ଆସିବାକୁ ସମସ୍ୟାରେ ପଡୁଛନ୍ତି। ଲୋକମାନଙ୍କୁ ଆକୃଷ୍ଟ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହିପରି ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ରାଉତ କହିଛନ୍ତି।

## ଭାରତୀୟ ଜନତାପାର୍ଟି ଅନୁସୂଚିତ ଜାତି ମୋର୍ଚ୍ଚା ସାଙ୍ଗଠନିକ ବୈଠକ

ଚଣ୍ଡିଖୋଲ (ପିଏନ୍)- ଚଣ୍ଡିଖୋଲ ସ୍ଥିତ ଭାରତୀୟ ଜନତାପାର୍ଟି ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁସୂଚିତ ଜାତି ମୋର୍ଚ୍ଚା ସାଙ୍ଗଠନିକ ବୈଠକ ଜିଲ୍ଲା ସଭାପତି ପ୍ରଭାକର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଙ୍ଗଠନିକ ବୈଠକରେ ବଡ଼ଚଣା ବିଜେପିର ପାଞ୍ଚ ମଣ୍ଡଳ ସଭାପତିଙ୍କ ସହ ସମସ୍ତ କର୍ମକର୍ତା ଓ କର୍ମୀ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା



କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଜେପି ବିଧାୟକ ପ୍ରାର୍ଥୀ ଦିଲୀପ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ବଡ଼ଚଣା ବିଜେପି ନେତା ତଥା ରାଜ୍ୟ ସମ୍ପାଦକ ଅମର ନାୟକ, ରାଜ୍ୟ ପଛୁଆ ବର୍ଗ ବିଜେପି ସଭାପତି ସମରେନ୍ଦ୍ର ପରିଡା, ସୁଂଗୁଡା ପଂଚାୟତ ସମିତିର ପୂର୍ବତନ ସମିତି ସଭ୍ୟ ତଥା ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିତମ ନାୟକ ପ୍ରମୁଖ ଯୋଗଦେଇ ଆଗମୀ ଦିନରେ ତୃଣମୂଳ ସ୍ତରରେ ସଂଗଠନ କିପରି ମଜବୁତ ହେଇପାରିବ ସେ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲାର ସାତଗୋଟି ବିଧାନସଭା କ୍ଷେତ୍ରର ଆଗଧାଡିର ଛାମୁଆ ନେତା ଓ କର୍ମୀମାନେ ସାମିଲ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣଧାରଣାକୁ ନେଇ ପ୍ରସ୍ତୁତି ବୈଠକ



ଚଣ୍ଡିଖୋଲ (ପିଏନ୍)-ଚଣ୍ଡିଖୋଲ ନିକଟ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ସୁଭଦ୍ରାପୁର ଓ ଭଡଙ୍ଗା ଛକରେ ଏକ ଗଳି ପୋଲକୁ ନିର୍ମାଣକୁ ନେଇ ଜନଅସନ୍ତୋଷ ଦେଖାଦେଇଛି ଯାହାକୁ ନେଇ ଆଗାମୀଦିନରେ ଗ୍ରାମବାସୀମାନେ ଗଣଧାରଣା ଦେବେ ବୋଲି ଗତକାଲି ଏକ ପ୍ରସ୍ତୁତି ବୈଠକରେ ସୂଚନା ଦେଇଛନ୍ତି। ସୂଚନା ଥାଉକି ଏବେ ଚଣ୍ଡିଖୋଲରୁ ଡୁବୁରୀ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥର ଦୋହରୀକରଣ କାର୍ଯ୍ୟ ଚାଲୁରହିଛି। ଏହି ଜାତୀୟ ରାଜପଥର ଦେଇ ନିକଟବର୍ତୀ ବଡ଼ଚଣା ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମ ଖୋସାଲିପୁର,ସୁଂଗୁଡା, ଧାନମଣ୍ଡଳ, ସୁଭଦ୍ରାପୁର, ଚାରିବାଟିଆ ଓ ଭଡଙ୍ଗା ଗ୍ରାମର ଲୋକମାନେ ପ୍ରତିଦିନ ଜାତୀୟ ରାଜପଥକୁ ଆସି ଚଣ୍ଡିଖୋଲ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇଥାନ୍ତି.ଜାତୀୟରାଜପଥ ପାରହେଇ ଏହିଗ୍ରାମର ଶତାଧିକ ଛାତ୍ରଛାତ୍ରୀମାନେ ଅତି ବିପଦପୂର୍ଣ ଭାବେ ନିକଟରେ ଥିବା ଚଣ୍ଡିଖୋଲ କଲେଜ,ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟ, ବିଭିନ୍ନ ସରସ୍ୱତୀ ଶିଶୁମନ୍ଦିରକୁ ଯାଇଥାନ୍ତି। ଜାତୀୟ ରାଜପଥ ଦେଇ ପ୍ରତିଦିନ ଶତାଧିକ ଭାରିଯାନ ପଡୋଶୀ କେନ୍ଦୁଝର ଓ ସୁକିନ୍ଦା ଖଣି ଅଂଚଳରୁ ଖଣିଜ ପଦାର୍ଥ ନେଇ ପାରାଦୀପ ବନ୍ଦରକୁ ଯାଇଥାନ୍ତି। କଳିଙ୍ଗନଗରର ଶିଳ୍ପାଞ୍ଚଳରୁ ମଧ ପ୍ରତିଦିନ ଶତାଧିକ ଭାରିଯାନ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଏତେସବୁ ଗାଡି ଚଳପ୍ରଚଳ ଯୋଗୁ ଜାତୀୟ ରାଜପଥରେ ସବୁବେଳେ ଭିଡ ଲାଗିରହିଥାଏ। ଏହିସବୁ ସମସ୍ୟାକୁ ଆଖିଆଗରେ ରଖି ସୁଭଦ୍ରାପୁର ଗ୍ରାମର ଗ୍ରାମବାସୀମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଯାଜପୁର ଜିଲ୍ଲାପାଳ, ବିଧାୟକ ଓ ସାଂସଦଙ୍କୁ ଏକ ଦାବୀ ପତ୍ର ଦେଇଥିଲେ। ମାତ୍ର ଜାତୀୟ ରାଜପଥ ଦୋହରୀକରଣ କାମ ଚାଲୁଥିବା ବେଳେ କେବଳ ବଙ୍ଗଳା ଛକରେ ଏକ ଗଳିପୋଲର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ସୁଭଦ୍ରାପୁର ଓ ଭଡଙ୍ଗା ଛକରେ ଏହି ଗଳିପୋଲର ଆବଶ୍ୟକତାକୁ ଆଖି ଆଗରେ ରଖି ପ୍ରଶାସନ ଖୁବ ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ କରିବାକୁ ନେଇ ଉଭୟ ଗ୍ରାମର ମୁରବୀମାନେ ଚାରିବାଟିଆ ସ୍ଥିତ ଦୁର୍ଗାମନ୍ଦିର ପରିସରରେ ହରିଦାସପୁର ସରପଂଚ ବିକ୍ରମ ବିଶ୍ୱାଳଙ୍କ ନେତୃତ୍ୱରେ ଏକାଠି ହେଇ ଆଗମୀ ଦିନରେ ଏହାକୁ ନେଇ ଗଣଧାରଣା ଦେବାକୁ ସ୍ଥିର କରିଥିଲେ।

# ମା' ମନସା ଦେବୀ ଶକ୍ତିପୀଠ



ଶିଓ୍ୱାଲିକ୍ ପର୍ବତମାଳାରୁ ନେଇ କୁରୁକ୍ଷେତ୍ର ପର୍ଯ୍ୟନ୍ତ ୪୮କୋଷର ସିନ୍ଧୁବନରେ ଋଷି-ମୁନୀ ମାନେ ପୁରାଣ ରଚନା କରିଥିଲେ। ଏହି ସମସ୍ତ ଭୂଭାଗ ଦେବଧରା ନାମରେ ଜଣାଶୁଣା।

ଏହି ପରମ୍ପରାରେ ହରିଆନାର ପଞ୍ଚକୁଲାରେ ଶିଓ୍ୱାଲିକ୍ ପର୍ବତମାଳାର କୋଳରେ ସିନ୍ଧୁବନର ଶେଷ ସୀମାରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆଚ୍ଛାଦିତ ଏକଦମ ମନୋରମ ଏବଂ ଶାନ୍ତ ପରିବେଶରେ ମାତା ମନସା ଦେବୀଙ୍କ ମନ୍ଦିର ଅବସ୍ଥିତ। ଯଦି କୌଣସି ଭକ୍ତ ସଚ୍ଚା ମନରେ ଚାଳିଶ ଦିନ ପର୍ଯ୍ୟନ୍ତ ଲଗାତାର ମାତା ମନସା ଦେବୀଙ୍କର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରନ୍ତି, ତେବେ ମାତା ମନସା ଦେବୀ ତାଙ୍କର ମନୋସ୍କାମନା ଅବଶ୍ୟ ପୂରଣ କରିଥାନ୍ତି। ମାତା ମନସା ଦେବୀଙ୍କର ଚୈତ୍ର ଏବଂ ଆଶ୍ୱିନ ମାସର ନବରାତ୍ର ପର୍ବରେ ବଡ଼ ଧରଣର ମେଳା ବସିଥାଏ। ଏହି ପର୍ବ ମାତାଙ୍କର ପ୍ରମୁଖ ପର୍ବ ଭାବେ ପାଳନ କରାଯାଏ।

ମାତା ମନସା ଦେବୀଙ୍କ ମନ୍ଦିରକୁ ନେଇ କେତେକ ଧାରଣା ଓ ମାନ୍ୟତା ପ୍ରଚଳିତ ରହିଛି। ଶ୍ରୀ ମାତା ମନସା ଦେବୀଙ୍କ ଇତିହାସ ଅନ୍ୟ ସିଦ୍ଧ ଶକ୍ତିପୀଠ ଭଳି ଅତି ପ୍ରାଚୀନ। ଶ୍ରୀ ମାତା ମନସା ଦେବୀଙ୍କ ଆବିର୍ଭାବ ହେବାର ଉଲ୍ଲେଖ ଶିବ ପୁରାଣରେ ରହିଛି।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ମା'ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣିପାରିଲେ। ଭଗବାନ ଶିବ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଯାହା ଦେଖିଲେ,



ସେ ନିଜେ ବି ବିଶ୍ୱାସ କରିପାରିଲେ ନାହିଁ। ରାଗରେ ଜର୍ଜରିତ ହୋଇ ଭଗବାନ ଶିବ ସତୀଙ୍କ ମରଶରୀର ନିଜ ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବଦେବୀମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମାରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ସୁଦର୍ଶନ ଚକ୍ର ଦ୍ୱାରା ମା' ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚି ହୋଇ ପଡ଼ିଲା। ସର୍ବଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ



ହେଲେ- (୧) ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା (ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା' ତାରାତାରିଣୀ(ସ୍ତନଖଣ୍ଡ), (୩) ଆସାମର ଗୌହାଟୀସ୍ଥିତ କାମାକ୍ଷା ଦେବୀ (ଜୋନିଖଣ୍ଡ) ଓ (୪) କୋଲକତାର ଦକ୍ଷିଣ କାଳୀ (ମୁଖଖଣ୍ଡ)। ଓଡ଼ିଶାରେ ମଧ୍ୟ ଗୋଟିଏ ମହାଶକ୍ତିପୀଠ ମା' "ବିରଜା" ରହିଛନ୍ତି।

ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠମାନଙ୍କ ମଧ୍ୟରେ ହିମାଚଳ ପ୍ରଦେଶର କାଙ୍ଗଡ଼ାରେ ମାତା ସତୀଙ୍କ ମସ୍ତକ ଖଣ୍ଡ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଥିଲା। ସେହିପରି ଏଠାରେ ମାତାଙ୍କ ମସ୍ତକ ପଡ଼ିବାରୁ ବ୍ରଜେଶ୍ୱରୀ ଦେବୀ ଶକ୍ତିପୀଠ, ଜ୍ୱାଲାମୁଖୀରେ ଜିହ୍ୱା ଖଣ୍ଡ ପଡ଼ିବାରୁ ଜ୍ୱାଲାଜୀ, ମନର ଭାଗ ପଡ଼ିବାରୁ ଛିନ୍ନ ମସ୍ତିକା, ନୟନରୁ ନୟନ ଦେବୀ ହୋଇଛନ୍ତି। ସେହିପରି ତ୍ରିପୁରାରେ ଜଙ୍ଘ ଖଣ୍ଡ ପଡ଼ିବାରୁ ମାତା ଜୟନ୍ତୀ ଦେବୀ, କୋଲକତାରେ ଡ଼ାହାଣ ପାଦ ଅଙ୍ଗୁଳି ପଡ଼ିବାରୁ କାଳୀ ମନ୍ଦିର, ସାହାରାନପୁର ନିକଟ ଶିଓ୍ୱାଲିକ୍ ପର୍ବତ ଉପରେ ମସ୍ତକ ଖଣ୍ଡ ପଡ଼ିବାରୁ ଶକୁମ୍ଭରୀ, କୁରୁକ୍ଷେତ୍ରରେ ଗଳାର ଆଭୂଷଣ ପଡ଼ିବାରୁ ଭଦ୍ରକାଳୀ



ଶକ୍ତିପୀଠ ତଥା ଶିଓ୍ୱାଲିକ୍ ଗିରିମାଳାରେ ଦେବୀଙ୍କ ମସ୍ତିସ୍କର ଅଗ୍ରଭାଗ ପଡ଼ିବାରୁ ମନସା ଦେବୀ ଶକ୍ତିପୀଠ ସୃଷ୍ଟି ହେଲା।

ଏହି ଶକ୍ତିପୀଠରେ ମହାଭାରତର ପାଣ୍ଡବ ଭାଇମାନେ ବନବାସ ସମୟରେ ମାତା ମନସା ଦେବୀ ମନ୍ଦିରରେ ଦେବୀଙ୍କୁ ଆରାଧନା କରିଥିଲେ। ପାଣ୍ଡବମାନେ ବନବାସ ସମୟରେ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଏହି ଅଞ୍ଚଳକୁ ଆସିଥିବା ପ୍ରମାଣ ରହିଛି। ତେବେ ପିଞ୍ଜୌର, ସକେତଡ଼ୀ ଓ କାଲକା ଅଞ୍ଚଳରେ ପୁରାତତ୍ତ୍ୱବିତ୍‌ମାନଙ୍କ ଅନୁସନ୍ଧାନରୁ ଏଠାରେ ଯେଉଁ ପ୍ରାଚୀନ ପଦାର୍ଥ ମିଳିଛି, ତାହା ପାଷାଣ ଯୁଗର ବୋଲି କୁହାଯାଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଆଦିମ କାଳରେ ମଧ୍ୟ ଏହି କ୍ଷେତ୍ରରେ ମଣିଷର ଅବସ୍ଥାନ ଥିଲା ଓ ସେ ଦେବୀ ଦେବତାଙ୍କୁ ପୂଜା କରୁଥିଲେ। ଏଣୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କ ମନ୍ଦିର ବିଦ୍ୟମାନ ଥିବା ଜଣାପଡୁଛି।

ବର୍ଷର ବିଭିନ୍ନ ସମୟରେ ମାତା ମନସା ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମାତା ମନସା ଦେବୀଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତା ମନସା ଦେବୀଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ ଓ ମନୋରମ।

## ଖୋରଧା ଜିଲ୍ଲା ସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ



ଖୋର୍ଦ୍ଧା (ପିଏନ୍) - ଖୋର୍ଦ୍ଧା ପାଇକ ଆଖଡ଼ା ସଂଘ ତରଫରୁ ଉଇଲ୍‌କିସନ୍ ନଗର (ନୂଆଗାଁ) ଠାରେ ଏକ ଜିଲ୍ଲା ସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଖୋର୍ଦ୍ଧାର ପ୍ରାକ୍ତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ରାମନାଥ କୋବିନ୍ଦ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିବା ଜାଗାକୁ ବିନା ମୂଲ୍ୟରେ ରାଜ୍ୟ ସରକାର ଯୋଗାଇଦେବା, ସ୍କୁଲ ପାଠ୍ୟକ୍ରମରେ ପାଇକ ଆଖଡ଼ାକୁ ସ୍ଥାନ ଦେବା, ପାଇକ ଆଖଡ଼ାର ଦକ୍ଷ ଖେଳାଳୀମାନଙ୍କୁ ସୈନ୍ୟବାହିନୀ ଆଦି ଚାକିରୀ କ୍ଷେତ୍ରରେ ଅଗ୍ରାଧିକାର ଦେବା ଓ ପାଇକ ଆଖଡ଼ାକୁ ବଂଚାଇ ରଖିବା ପାଇଁ ପାଇକ ଆଖଡ଼ା ସଂଘଗୁଡ଼ିକୁ ସରକାର ଗୃହ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଦେବା ଉଚିତ୍। ଏଥିରେ ଖୋରଧା ବିକାଶ ମଂଚର ସଭାପତି ଆଇନ୍‌ଜୀବି ନରେନ୍ଦ୍ର ପୃଷ୍ଟି, ପୂର୍ବତନ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ମଜୁମ୍‌ଦାର, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ସଭାପତି ଶମ୍ଭୁନାଥ ସ୍ୱାଇଁ, ଯୋଗୀନାଥ ବଳିଆରସିଂହ, ବିଜୟ କୁମାର ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପାଇକ ଆଖଡ଼ା ସହ ଓଡ଼ିଶାର ବୀରତ୍ୱ ବ୍ୟଞ୍ଜକ ଇତିହାସ ଜଡ଼ିତ ବୋଲି ମତବ୍ୟକ୍ତ କରିଥିଲେ। ଖୋରଧା ପାଇକ ଆଖଡ଼ା ସଂଘର ସମ୍ପାଦକ କବିରାଜ ପ୍ରଧାନଙ୍କ ଉଦ୍ୟମରେ ଏହି ଉତ୍ସବ ଆୟୋଜିତ ହୋଇଥିବା ବେଳେ ଉତ୍ସବର ପ୍ରାରମ୍ଭରେ ମା' ଅଁଳେଇଙ୍କ ଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ପାଇକ ଆଖଡ଼ା ଦଳମାନେ ଏକ ମଶାଲ ଶୋଭାଯାତ୍ରା ସହ ପାଇକ ଆଖଡ଼ା ପ୍ରଦର୍ଶନ କରି ଗ୍ରାମ ପରିକ୍ରମା କରିଥିଲେ ଓ ମହୋତ୍ସବ ମଂଚରେ ମଧ ସେମାନଙ୍କର କଳାକୌଶଳ ପ୍ରଦର୍ଶନ କରିଥିଲେ।

## ଜ୍ୟୋତିର୍ବିଦ୍ ଶ୍ରୀପତି ଆଚାର୍ଯ୍ୟ ଆନ୍ତର୍ଜାତୀୟ ଜ୍ୟୋତିଷ ସଂଘ, ଆମେରିକା ଦ୍ୱାରା ସମ୍ମାନିତ

ଭୁବନେଶ୍ୱର (ପିଏନ୍) : ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ ଜଣେ ଉଚ୍ଚକୋଟୀର ଜ୍ୟୋତିର୍ବିଦ୍ ଏବଂ ବାସ୍ତୁଶାସ୍ତ୍ର ବିଶାରଦ ମଧ। ଜୀବନ କାଳରେ ନିଜର ମହାନ୍ ସାଧନା ଏବଂ ସଠିକ ଭବିଷ୍ୟତବାଣୀ ପାଇଁ ପୂର୍ବରୁ ଅନେକ ସମ୍ମାନର ଅଧିକାରୀ ହୋଇସାରିଛନ୍ତି। କିନ୍ତୁ ଏଥର ଆନ୍ତର୍ଜାତୀୟ ଜ୍ୟୋତିଷ ସଂଘ ଆମେରିକା ଦ୍ୱାରା ସମ୍ମାନିତ ହୋଇଛନ୍ତି। ମହାରାଷ୍ଟ୍ରର ନାଗପୁର ସହରରେ 'ଭାରତୀୟ ଅର୍ଥନୀତିର ଭବିଷ୍ୟତ' ଏବଂ 'ବୈଦିକ ଗଣିତ ଜ୍ୟୋତିଷ ଶାସ୍ତ୍ର କ୍ଷେତ୍ରରେ ବରାହମିହିର ଏବଂ ଆର୍ଯ୍ୟଭଟ୍ଟଙ୍କ ଭୂମିକା' ଶୀର୍ଷକ ଏକ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ 'ଆନ୍ତର୍ଜାତୀୟ ଜ୍ୟୋତିଷ ସର୍ବେକ୍ଷଣ ସଂଘ, ଆମେରିକା' ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ବିଶ୍ୱର ଅନେକ ଦେଶର ବରିଷ୍ଠ ଜ୍ୟୋର୍ତିବିଦ୍ ମାନେ ଉପସ୍ଥିତ ଥିଲେ। ଏହିଠାରେ ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରୁଥିଲେ ଏବଂ ସେହିଠାରେ ସ୍ଥାନୀୟ ଅତିଥି ଭାବେ ଏବଂ ଜ୍ୟୋତିଷ ବିଦ୍ୟା କ୍ଷେତ୍ରରେ ନିଜର ସାଧନା ପାଇଁ ତାଙ୍କୁ 'ବରାହ ମିହିର ଜ୍ୟୋତିଷ ପୁରସ୍କାର' ସମ୍ମାନରେ ସମ୍ମାନିତ କରାଯାଇଛି।

## ଝିଲିକ ମୋସନ ପିକଚର ଡ଼ବଲ ଧମାକା



ଖୋର୍ଦ୍ଧା (ପିଏନ୍)-ଝିଲିକ ମୋସନ ପିକଚରର୍ସ ଦର୍ଶକଙ୍କ ପାଇଁ ଭେଟି ଦେବାକୁ ଯାଉଛି ଡ଼ବଲ ଧମାକା। ଗୋଟିଏ ଦିନରେ ଦୁଇଟି ଚଳଚିତ୍ରର ମହୁରତ କରିଛି ଝିଲିକ ମୋସନ ପିକଚରର୍ସ। ଦୁଇଟି ଯାକ ଚଳଚିତ୍ରର ଶୁଭ ମହୁରତ ଅନୁଷ୍ଠିତ ହୋଇଛି। ଏହି ଦୁଇଟି ସିନେମା ମଧ୍ୟରୁ ଗୋଟିଏର ନାଁ ରହିଛି ତୋର ମୋର କଟି ଓ ଅନ୍ୟଟିର ନାଁ ରହିଛି ପ୍ରିୟେ ତୁ ମୋର ସିଏ। ତୋର ମୋର କଟି ଚଳଚିତ୍ରରେ ମୁଖ୍ୟ ଭୂମିକାରେ ଓଲିଉଡ୍ ମେଗାଷ୍ଟାର ସିଦ୍ଧାନ୍ତ ମହାପାତ୍ର ନଜର ଆସିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶୈଳେନ୍ଦ୍ର, ଶିତଲ, ଟୁକୁନା ଷ୍ଟାଇଲିସ, ସୁଦିପ୍ତ କାଳିଆ ଷଣ୍ଢ, ଜୀବନ ପଣ୍ଡ, ଐଶ୍ୱର୍ଯ୍ୟା, ସୁଧାଂଶୁ ମୋହନ ସାହୁ, ଟୁଟୁ ନାୟକ ପ୍ରମୁଖ ନଜର ଆସିବେ। ସେହିପରି ଦ୍ୱିତୀୟ ସିନେମା ପ୍ରିୟେ ତୁ ମୋର ସିଏରେ ଅମ୍ଲାନ ନାୟକ ଭୂମିକାରେ ନଜର ଆସିଥିବା ବେଳେ ଏଲିନା ଓ ବବି ମିଶ୍ର ମଧ ନଜର ଆସିବେ। ଏମାନଙ୍କ ସହ ସୋମା ଭୌମିକ ଅମର, ଗୁଡୁ, ଧରିତ୍ରୀ ଖଣ୍ଡୁଆଳ, ପୃଥିରାଜ ନାୟକ, ଟିଲୁ ଭାଇ ଓ ଇଲୁ ବାନାର୍ଜୀ ପ୍ରମୁଖ ଅଭିନୟ କରିଛନ୍ତି। ରମେଶ ରାଉତ ତୋର ମୋର କଟି ଚଳଚିତ୍ରରେ ନିର୍ଦ୍ଦେଶନା ଦେଇଥିବା ବେଳେ ଏଥିରେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମାନନ୍ଦ। ସେହିଭଳି ପ୍ରିୟେ ତୁ ମୋର ସିଏ ଚଳିଚିତ୍ରରେ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଧାଂଶୁ ସାହୁ। ଏଥିରେ ବୈଦ୍ୟନାଥ ଦାସ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଉଭୟ ଚଳଚିତ୍ରର ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ଅଭିନେତ୍ରୀରୁ ପ୍ରଯୋଜନାରେ ପାଦ ଥାପିଥିବା ଝିଲିକ ଭଟ୍ଟାଚାର୍ଯ୍ୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜ ସେବୀ ପ୍ରତିମା ଘଡ଼େଇ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଯୋଜକ ଟୁଟୁ ନାୟକ, ପ୍ରଦ୍ୟୁମ୍ନ ଲେଙ୍କା, ଅଭିନେତା ସିଦ୍ଧାନ୍ତ ମହାପାତ୍ର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ, ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଝିଲିକ ମୋସନ ପିକଚର ବ୍ୟାନରେ ରୁଦ୍ରାଣି ଓ କିସିମିସ ସୁଂଟି ଶେଷ ହୋଇ ରିଲିଜ ଅପେକ୍ଷାରେ ରହିଛି। ଆଗାମୀ ରଥ ଯାତ୍ରାରେ ରୁଦ୍ରାଣି ସିନେମାଟି ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ଘୋଷଣା କରି ସାରିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ଅକ୍ଟୋବର ୨୨

# ଦୁର୍ଗାପୂଜାର ତାତ୍ପର୍ଯ୍ୟ


ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ କାଳ କାଳ ଧରି ଦେବାସୁର ସଂଗ୍ରାମ ଚାଲିଆସୁଅଛି । ଶାସ୍ତ୍ରଅନୁସାରେ ଚଳୁଥିବା ଇନ୍ଦ୍ରିୟ ବୃତ୍ତି ହିଁ ଦେବତା । ତାହା ବିପରୀତ ବିଷୟାସକ୍ତ ବୃତ୍ତିଗୁଡ଼ିକ ଅସୁର । ଉଭୟ ପକ୍ଷ ହିଁ ପରସ୍ପରର ବିଷୟ ଅପହରଣ କରିଥିବାରେ ନିୟତ ସଂଗ୍ରାମ କରୁଅଛନ୍ତି । ଯଥା ଶାସ୍ତ୍ରଜ୍ଞାନ ନିମିତ୍ତ ପରମାତ୍ମା ବିଷୟକ ଇନ୍ଦ୍ରିୟବୃତ୍ତି ଏବଂ ବିଷୟ ଭୋଗରେ ଜଡ଼ିତ ଇନ୍ଦ୍ରିୟବୃତ୍ତି । ଯେପରି ମହିଷ ନାମରେ ଅସୁର ଗଣଙ୍କର ରାଜା, ଏବଂ ଇନ୍ଦ୍ର ଦେବଗଣଙ୍କର ରାଜା । ମହିଷାସୁର – ରଜୋଗୁଣ, ଗୀତାରେ ଉକ୍ତ ହୋଇଅଛି କର୍ମଏଷ କ୍ରୋଧଏଷ ରଜୋଗୁଣ ସମ୍ଭବତଃ । ସେହିପରି ଅନ୍ୟତ୍ର କ୍ରୋଧଞ୍ଚ ମହିଙ୍ଗ ଦଦପାତ୍ । କ୍ରୋଧକୁ ମହିଷରୂପରେ କଳ୍ପନା କରି ଦେବୀଙ୍କ ଉଦ୍ଦେଶ୍ୟରେ ବଳିଦାନ କରିବା ଉଚିତ । ପ୍ରକୃତ ରଜୋଗୁଣକୁ ହିଁ ମହିଷ ବୁଝିବା... ବାସ୍ତବିକ ଚଣ୍ଡୀର ତିନୋଟି ରହସ୍ୟ ଗୁଣତ୍ରୟର ବିଶ୍ଳେଷଣ ଅଟେ । ପ୍ରଥମ ଚରିତ୍ରରେ ସତ୍ତ୍ୱଗୁଣର ବର୍ହିବିକାଶରୂପୀ ସଂସ୍କାରଦ୍ୱୟ ମଧୁ କୈଟର ନାମରେ ବର୍ଣ୍ଣିତ । ଏହି ଦ୍ୱିତୀୟ ଚରିତ୍ରରେ ରଜୋଗୁଣର ବର୍ହିମୁଖୀ ବିକାଶ ନିମିତ୍ତ ଯେଉଁ ସଞ୍ଚିତ ବହତ୍ୱ ସଂସ୍କାର ତାହାକୁ ଅସୁର ବୃନ୍ଦରୂପରେ ବର୍ଣ୍ଣିତ । ଯାବତୀୟ କାମନା ବାସନା ଦମ୍ଭ, ଦର୍ପ ଅଭିମାନ ପ୍ରଭୃତି ଯାବତୀୟ ଅସୁର ସମ୍ପଦ ଏହି ରଜଗୁଣର ସ୍ଥୁଳ ବିକାଶ । ତେଣୁ ରଜଗୁଣରୂପୀ ମହିଷାସୁର ଏମାନଙ୍କର ଅଧିପତି । ସେହିପରି ଦେବଶକ୍ତି ଅଭୟ, ସତ୍ତ୍ୱଶୁଦ୍ଧି, ଦାନ ଦମ ତିତିକ୍ଷା ପ୍ରଭୃତିର ମାଲିକ ଇନ୍ଦ୍ରଙ୍କର ଆଜ୍ଞାନୁବର୍ତ୍ତୀ ଆମ ମଧ୍ୟରେ ତ୍ରିଗୁଣ ଯଥା ସତ୍ତ୍ୱଗୁଣ, ରଜୋଗୁଣ ଓ ତମୋଗୁଣ ଏହାର ସ୍ୱରୂପ ହୃଦୟଙ୍ଗମ କରିପାରିଲେ ଦେବାସୁର ସଂଗ୍ରାମ ବୁଝି ହେବ । ଏ ଜଡ଼ ଜମତ ଏହି ଗୁଣତ୍ରୟର ପରିଣାମ । ଗୁଣତ୍ରୟର ଏହି ଭୋଗାଭିମୁଖୀ ଗତିର ନାମ ଅସୁରଭାବ । ଏବଂ ଅପକର୍ମାମୁଖୀ ଗତିର ନାମ ଦେବଭାବ । ମହିଷାସୁର ଅସୁରଗଣଙ୍କ ରାଜା । ଏବଂ ଚିକ୍ଷୁର ଚାମର, ଉଦଗ୍ର କରାଳ ଉଦ୍ଧତ କାଙ୍କଳ ତାମ୍ର ଅନ୍ଧକ, ଉଗ୍ରାସ୍ୟ, ଉଗ୍ରକାର୍ଯ୍ୟ, ମହାହନ୍ୟ କିଡାଳ ଦୁର୍ଦ୍ଧର ଦୁର୍ମୁଖ ଓ ଅସୀଲେମ । ସର୍ବଶୁଦ୍ଧ ଏହି ଷୋଳଜଣ ତାର ସହଚର । ଆମ ମଧ୍ୟରେ ରଜୋଗୁଣ ବିକ୍ଷେପ, ଆବରଣ, ଦର୍ପ, ଭୟ, ଦମ୍ଭ, ଭୋଗବିଳାଷ, ଲୋଭ, ମୋହ, କ୍ରୋଧ, ଶାରୀରିକ ବନ୍ଧନ, ଅଭିମାନ ଦୋଷଦୃଷ୍ଟି ଅକ୍ଷମା ନିଷ୍ଠୁରତା ଦ୍ୱେଷ ସମରାଭୀନୟ ଚାଲୁଅଛି । ଗୋଟିଏ ଦିଗରେ ଭୋଗର ବାସନା, ଅନ୍ୟ ଦିଗରେ ଅପବର୍ଗର ଆକର୍ଷଣ । ତଥାପି ଜୀବ ମନୁଷ୍ୟତ୍ୱରେ ଉପନୀତ ନହୁଏ ବିଜ୍ଞାନ ମଧ୍ୟରେ କୋଷରେ ଆତ୍ମବୋଧ । ସଂହରଣ କରିନପାରେ ସେତେ ଦିନ ଏହା ପ୍ରତ୍ୟେକ୍ଷ କରିପାରେନା । ବହ୍ନିଜନ୍ମ ସଞ୍ଚିତ ସ୍ୱୀକୃତିର ଫଳରୁ ମାଆଙ୍କର ଅସୀମ କରୁଣା ବଳରୁ ଶ୍ରୀଗୁରୁଙ୍କର ଅହେତୁକ ଅନୁପ୍ରେରଣାର ଯେ ସାଧକର ହୃଦୟରେ ଏହି ସଂଗ୍ରାମ ଅନୁଭୂତ ହୁଏ । ବୁଝିବାକୁ ହେବ ତାହାର ଜୀବନଧନ୍ୟ ହୋଇଅଛି । ତାହାହେଲେ ଏ ସଂଗ୍ରାମର ନିଶ୍ଚୟ ଅବସାନ ହେବ । ଗୁଣତ୍ରୟର ଏହି ଭୋଗାଭିମୁଖୀ ଗତିର ନାମ ଅସୁରଭାବ ଏବଂ ଅପବର୍ଗଭିମୁଖୀ ଗତିର ନାମ ଦୈବାଭୁତ କିପରି ଏହି ଯୁଦ୍ଧର ଅବସାନ ହେବ । ତେଣୁ ଆର୍ତ୍ତହୁଅ ଶରଣାଗତ ହୁଅ ଥରେ ସ୍ୱରରେ ମା ମା ବୋଲି ଡାକ । ମହାଶକ୍ତିଙ୍କର ନିକଟରେ ସଜଳ ନୟନରେ ଶକ୍ତିଭିକ୍ଷା କର । ସରଳ ପ୍ରାଣରେ ନିଜକୁ ଯଥାର୍ଥ ଉତ୍ପୀଡ଼ୀତ ବୋଲି ଅନୁଭବ କର । ଦେଖିବ ମା ସ୍ୱଂୟ ସମରାଙ୍ଗନରେ ଅବତୀର୍ଣ୍ଣ ହୋଇ ଅସୁରକୂଳର ବିଲୟ, ଦେବ କୁଳର ଆନନ୍ଦ ଓ ତୁମକୁ ମଧୁମୟ ମାତୃଅଙ୍କରେ ସ୍ଥାନ ଦେଇ ଧନ୍ୟ କରିଦେବେ । ବହ୍ନିଜନ୍ମ ଧରି ସୁକୃତି ଅର୍ଜନ କରିଲେ ମାଆଙ୍କର କୃପା ଉପଲବ୍ଧି କରିପାରିବ । ଆଜି ମାଆ ଦୁର୍ଗାଦେବୀ ମୃଣ୍ମୟୀମୂର୍ତ୍ତି ରୂପରେ ମଣ୍ଡପରେ ପୂଜା ପାଉଛନ୍ତି ଆମେ ସମସ୍ତେ ଏହି ବାହ୍ୟପୂଜାରେ ବ୍ୟସ୍ତ, ପ୍ରକୃତରେ ଏ ପୂଜା କରି ଆମ ମଧ୍ୟରେ ଥିବା ମହିଷାସୁର ବଧ ହେଉନା ହିଁ ଆହୁରି ହିଂସ୍ର ଶକ୍ତି ଆମ ମଧ୍ୟରେ ଜାଗ୍ରତ ହେଉଅଛି । ଆଜି ସାହି ସାହିରେ ଦୁର୍ଗାପୂଜାକୁ ନେଇ ହିଂସା ଦ୍ୱେଷ, ଅଭିମାନ କଳହ କନ୍ଦଳ ବୃଦ୍ଧି ହେବାର ପରିଲକ୍ଷିତ ହେଉଅଛି । ଆସନ୍ତୁ ଆମ ମଧ୍ୟରେ ଥିବା ଆସୁରୀଶକ୍ତିକୁ ମାଆଙ୍କ ପାଖରେ ବଳିଦେଇ ନିଶ୍ଚିନ୍ତ ହେବା । ପାଣି କଖାରୁ ବା ଛାଗବଳି ନୁହେଁ ତେଣୁ ମାଆଙ୍କର ଚରଣ ଜାବୋଡ଼ି ଧରି ଡାକିଲେ ମା ତୁମ ମଧ୍ୟରେ ଜ୍ଞାନଚକ୍ଷୁ ଖୋଲିଦେବେ । ଆଦିଶକ୍ତି ପରିବାର ସମାଜରେ ଶାନ୍ତିନେତ୍ରୀ ପ୍ରୀତି ପ୍ରତିଷ୍ଠା ହେବ । ସମାଜର ମଙ୍ଗଳ ସାଧିତ ହେବ ।

ପାରାଦ୍ୱୀପ, ଓଡ଼ିଶା,
ଦୂରଭାଷ : ୯୪୩୭୦୨୨୦୬୧

# ‘ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା’


ଯଶସ୍ୱିନୀ ପଟ୍ଟନାୟକ

‘ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ’ ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି । ନବରାତ୍ରି ଅବସରରେ ପୂଜା ପାଉଥିବା ନଅ ଦେବୀ ନବଦୁର୍ଗା ଭାବେ ଖ୍ୟାତ । ଦେବୀ ମାହାତ୍ମ୍ୟ ଏବଂ ଦୁର୍ଗା ସପ୍ତସତୀରେ ସେମାନଙ୍କର କଥା ବର୍ଣ୍ଣିତ । ନବଦୁର୍ଗା ହେଉଛନ୍ତି ଶକ୍ତିଙ୍କ ଭିନ୍ନ ଭିନ୍ନ ଅବତାର । ସେମାନେ ହେଲେ – ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାୟିନୀ । ନବରାତ୍ରିର ପ୍ରଥମ ଦିନରେ ପୂଜା ପାଆନ୍ତି ମାତା ଶୈଳପୁତ୍ରୀ । ‘ଶୈଳ’ ଅର୍ଥ ପାହାଡ଼ ଓ ‘ପୁତ୍ରୀ’ ଅର୍ଥ କନ୍ୟା । ସେ ପାର୍ବତୀ ବା ହେମବତୀ ଭାବେ ମଧ୍ୟ ପରିଚିତ । ଦକ୍ଷକନ୍ୟା ସତୀ ପ୍ରଥମ ପୁନର୍ଜନ୍ମ ନେଇଥିଲେ ଶୈଳପୁତ୍ରୀ ଭାବେ । ଦ୍ୱିତୀୟ ପୁନର୍ଜନ୍ମ ନେଇଥିଲେ ହିମାଳୟପୁତ୍ରୀ ପାର୍ବତୀ ରୂପେ ଏବଂ ବିବାହ କରିଥିଲେ ମହାଦେବଙ୍କୁ । ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର । ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା’ବ୍ରହ୍ମଚାରିଣୀ । ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା ଉମା, ଅପର୍ଣ୍ଣା ଏବଂ ତପଶ୍ଚାରିଣୀ । ବ୍ରହ୍ମଚାରିଣୀ ଅର୍ଥ ଚରମ ସତ୍ତାର ସାନ୍ନିଧ୍ୟ ପାଇବା ଲାଗି ସେ ସଦା ତପସ୍ୟାରତ । ତୃତୀୟ ଦିନରେ ଆରାଧନା କରାଯାଏ ମା’ଚନ୍ଦ୍ରଘଣ୍ଟାଙ୍କୁ । ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରିଥିବାରୁ ସେ ହେଲେ ଚନ୍ଦ୍ରଘଣ୍ଟା । ଚତୁର୍ଥ ଦିନରେ ଆବାହନ କରାଯାଏ ମା’କୁଷ୍ମାଣ୍ଡାଙ୍କୁ । ସେ ଅଷ୍ଟଭୁଜା ଏବଂ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ରୀ । ନିଜ ହସ ଦ୍ୱାରା ସେ ଦୂର କରିଥିଲେ ଅନ୍ତହୀନ ଅନ୍ଧକାରକୁ ଏବଂ ଯାହା ଦ୍ୱାରା ସୃଷ୍ଟି ପର୍ବ ଆରମ୍ଭ ହୋଇଥିଲା । ପଞ୍ଚମ ଦିନରେ ପୂଜା ପାଆନ୍ତି ସ୍କନ୍ଦ ମାତା । ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସ୍କନ୍ଦଙ୍କ ମାତା । ସେ ହେଉଛନ୍ତି ସକଳ ମାତୃତ୍ୱର ପରିପ୍ରକାଶ ଏବଂ ସ୍ନେହଶୀଳ କ୍ଷମାମୟୀ । ଷଷ୍ଠ ଦିବସରେ ପୂଜା ପାଆନ୍ତି ମା’କାତ୍ୟାୟନୀ । କାତ୍ୟ ମୁନିଙ୍କ କନ୍ୟା ଭାବେ ଜାତ ହୋଇଥିବାରୁ ସେ କାତ୍ୟାୟନୀ । ସେ ଦୁର୍ଗାଙ୍କର କନ୍ୟା ସ୍ୱରୂପ । ସ୍ନେହ ଶ୍ରଦ୍ଧାର ପ୍ରତୀକ । ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିଣୀ ‘ମା’ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ । ଫଳତଃ ସେ ସତ ପ୍ରକୃତିର ବଶବର୍ତ୍ତୀ ହେବା ପରିବର୍ତ୍ତେ ଅସତ୍ ପ୍ରକୃତିର ବଶବର୍ତ୍ତୀ ହୋଇଥାଏ । କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତ୍ତେ ନିରୁତ୍ସାହିତ, ଗ୍ଲାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ । ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତା । ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ । ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ । ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଞ୍ଚଳ ଓ ଆନନ୍ଦ ମୁଖର କରିବା ବିଧେୟ । ଏହା ଏ ଜଗତର ଏକ ପ୍ରଚଳିତ ଧାରା । କେଉଁ ପ୍ରାଚୀନ କାଳରୁ ଏ ଧାରା ପ୍ରତିଟି ପ୍ରାଣରେ ପ୍ରବଳ ବେଗଗାମୀ ସ୍ରୋତସ୍ୱିନୀ ସମ ପ୍ରବାହିତ ହେଉଛି । ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି । ‘ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ । ସର୍ବବାଧା ବିନିର୍ମୁକ୍ତୋ ଧନ୍ୟାଧାନ୍ୟ ସୁତନ୍ୱିତଃ, ମହଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ ।’

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ୍ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

# ଅସ୍ପଷ୍ଟ ଉଚ୍ଚାରଣ : ଖନେଇବା...


ନାରାୟଣ ଚନ୍ଦ୍ର ବିଶ୍ୱାଳ

୧୯୯୮ରୁ ପ୍ରତିବର୍ଷ ଅକ୍ଟୋବର ୨୨ରେ ପାଳନ କରାଯାଉଛି ଅନ୍ତର୍ଜାତୀୟ ଅସ୍ପଷ୍ଟ ଉଚ୍ଚାରଣ ସଚେତନତା ଦିବସ (ଇନ୍‌ଟରନେସନାଲ ଷ୍ଟଟରିଂ ଆୱେର୍‌ନେସ ଡେ) । ବିଶ୍ୱର ମୋଟ ଜନସଂଖ୍ୟାର ଏକ ପ୍ରତିଶତ ଖନା : ସ୍ପଷ୍ଟ କହିପାରନ୍ତି ନାହିଁ । ଅର୍ଥାତ୍ କହିଲାବେଳେ ଉଚ୍ଚାରଣ ଠିକ୍ ଥିଲେ ବି ଅଟକି ଅଟକି କହନ୍ତି । ସେମାନଙ୍କ ବାବଦରେ ସଚେତନତା ସୃଷ୍ଟି କରିବା, ଏହି ଦିବସ ପାଳନର ଲକ୍ଷ୍ୟ । ୟୁରୋପିଆନ ଲିଗ୍ ଅଫ୍ ଷ୍ଟଟରିଂ ଆସୋସିଏସନସ୍, ଇଣ୍ଟରନେସନାଲ ଷ୍ଟଟରିଂ ଆସୋସିଏସନ ଆନୁକୂଲ୍ୟରେ ଏହି ଦିବସ ପାଳନ କରାଯାଉଛି । ୨-୫ ବର୍ଷ ମଧ୍ୟରେ ପ୍ରାୟ ୫ ପ୍ରତିଶତ ଶିଶୁ ଖନାନ୍ତି । ଏହାଛଡ଼ା କୁହାଯାଇପାରେ ଯେ ଭାଷା ଶିକ୍ଷାର ଖନା ଦୋଷ ହେଉଛି ଏକ ମାଇଲ ଖୁଣ୍ଟ । ଛୋଟରୁ ବଡ଼ ଆମେ ସମସ୍ତେ ଯେ କୌଣସି ନୂଆ ଭାଷା ଶିଖିଲେ, ସେହି ଭାଷାରେ ଅନର୍ଗଳ କହିଲାବେଳକୁ ଆରମ୍ଭରେ ପାଟି ଲାଗିବ ଏବଂ ପରେ ସେଥିରେ ସୁଧାର ଆସି ସାଧାରଣ ହୋଇଯିବ । ଉଦାହରଣ ସ୍ୱରୂପ ଆମେ ଯଦି ଚାଇନିଜ୍ ଶିଖିବା ତାହାହେଲେ ସ୍ପଷ୍ଟ ଭାବରେ ଚାଇନିଜ ଭାଷା କହିଲା ବେଳକୁ ଆରମ୍ଭରେ ପାଟିଲାଗି ପରେ ମାସେ ଦୁଇ ମାସ ଭିତରେ ସୁଧାର ଆସିଯିବ । ତେଣୁ ନୂଆ ଭାଷା ଶିଖୁଥିବା କୋମଳମତି ଶିଶୁ ପକ୍ଷରେ ମଧ୍ୟ ଏହା ପ୍ରଜୁଜ୍ୟ । ସାଧାରଣତଃ ଦେଖାଯାଏ ଶିଶୁଟିଏ ଅଢ଼େଇରୁ ତିନିବର୍ଷ ବେଳକୁ ତାର ମାତୃଭାଷାରେ ଅନର୍ଗଳ କହିବା ଆରମ୍ଭ କରେ । ଠିକ୍ ସେହି ସମୟକୁ ତାର ପାଟି ଲାଗିବା ଆରମ୍ଭ ହୁଏ । ଯାହା ଶତପ୍ରତିଶତ ଶିଶୁଙ୍କ ପକ୍ଷେ ପ୍ରଜୁଜ୍ୟ । ମାତ୍ର ୯୫ ଭାଗ ଶିଶୁଙ୍କ କ୍ଷେତ୍ରରେ ଏହା ଏକ ମାସ ଭିତରେ ସ୍ୱାଭାବିକ ହୋଇଯାଇଥାଏ । ବାକି ପାଞ୍ଚ ପ୍ରତିଶତ ଶିଶୁ ବିଭିନ୍ନ କାରଣରୁ ଏହି ଅଭ୍ୟାସଟିକୁ ଛାଡ଼ି ପାରନ୍ତି ନାହିଁ । ଏଥିରେ ସଠିକ ସମୟରେ ସୁଧାର ଆଣା ନଗଲେ ତାହା ଆଜୀବନ ରହିଯାଏ । ଏହାଦ୍ୱାରା ପିଲାଟି ତାର ଶିକ୍ଷା କ୍ଷେତ୍ରରେ, ବୃତ୍ତିଗତ କ୍ଷେତ୍ରରେ, ସାମାଜିକ କ୍ଷେତ୍ରରେ ବହୁତ ବାଧାବିଘ୍ନର ସମ୍ମୁଖୀନ ହୋଇଥାଏ ଯାହା ସାଧାରଣ ଲୋକଙ୍କୁ ଜଣା ନପଡ଼ିପାରେ ।

ଆମ ସମାଜରେ ବହୁତ ପ୍ରତିଷ୍ଠିତ ବ୍ୟକ୍ତି ଏଥିରେ ପ୍ରଭାବିତ ହୋଇଥାନ୍ତି । ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ ଆରମ୍ଭ କରି ଅଭିନେତା, ଅଭିନେତ୍ରୀ, ଉଣା ଅଧିକେ ସବୁବର୍ଗ ଏଥିରେ ପ୍ରଭାବିତ ହୋଇଥାନ୍ତି । କୁହାଯାଏ ଝିଅଙ୍କ ତୁଳନାରେ ପୁଅ ଖନା ହେବାର ଆଶଙ୍କା ଅଧିକ । ଏହାର ରେସିଓ ହେଉଛି ୨:୩ । ଉଦାହରଣ ସ୍ୱରୂପ ବ୍ରିଟେନର ରାଜା ଷଷ୍ଠ ଜର୍ଜ ଆଜୀବନ ଖନା ଥିଲେ । ବ୍ରିଟେନ୍‌ର ମହାନ ରାଜନେତା ୱିନ୍‌ଷ୍ଟନ୍ ଚର୍ଚ୍ଚିଲ, ଇଂଲିସ ଲେଖକ ଲୁଇସ୍ କାରୋଲ, ଗଲ୍‌ଫ ଖେଳାଳି ଟାଇଗର ଉଡ୍‌ସ, ହଲିଉଡ୍ କଳାକାର ବ୍ରୁସ୍ ୱିଲିସ, ଜୁଲିଆ ରବର୍ଟ, ମେରିଲିନ୍ ମନ୍‌ରୋ ଆଦି ଶୈଶବରେ ଖନା ଥିଲେ । ଆମ ଭାରତରେ ବଲିଉଡ କଳାକାର ହ୍ରିତିକ୍ ରୋଶନ ମଧ୍ୟ ଏଥିରେ ଆକ୍ରାନ୍ତ । ତେଣୁ କହିବାକୁଗଲେ ଏଥିରେ ବ୍ୟତିବ୍ୟସ୍ତ ହେବାର ନାହିଁ । କାରଣ କୁହାଯାଏ ଏହା ସାଧାରଣତଃ ବୁଦ୍ଧିମାନ ପିଲାଙ୍କର ରୋଗ । ମନୋବିଜ୍ଞାନୀଙ୍କ ମତରେ ସାଧାରଣତଃ ନ୍ୟୁରୋଟିକ୍ ପର୍ସନାଲିଟିଯୁକ୍ତ ପିଲାମାନେ ବା ବ୍ୟକ୍ତିମାନେ ଏଥିରେ ସାଧାରଣତଃ ଆକ୍ରାନ୍ତ ହୋଇଥାନ୍ତି । କାରଣ ସେମାନେ ସାଧାରଣତଃ ପ୍ରଫେକ୍ସନିଷ୍ଟ ବା ସବୁ ଜିନିଷକୁ ସଠିକ ଭାବରେ କରିକି ଦେଖାଇବା ପାଇଁ ଚେଷ୍ଟା କରନ୍ତି । କଥା କହିବାବେଳେ ମଧ୍ୟ ତାହା ପ୍ରୟୋଗ କରନ୍ତି ଯାହାଦ୍ୱାରା ସେମାନେ ଏକ ଚକ୍ରବ୍ୟୂହରେ ଫସି ଯାଆନ୍ତି । ସାଧାରଣତଃ ଏହି ରୋଗ ଦୁଇ ପ୍ରକାର । ପ୍ରଥମଟି ହେଲା ତିନିରୁ ଛଅ ବର୍ଷ ଭିତରର ଯାହାକୁ ଖନା ଦୋଷ ନକହି ନର୍ମାଲ ନନ୍‌ଫ୍ଲୁଏନ୍ସି କୁହାଯାଏ । ନର୍ମାଲ ନନ୍‌ଫ୍ଲୁଏନ୍ସି ଅଥବା ଡେଭଲପ୍‌ମେଣ୍ଟାଲ ଖନା ଦୋଷ କୁହାଯାଏ । ଛଅ ବର୍ଷ ପରେ ସାତ ବର୍ଷରୁ ଅଧିକ ବୟସର ପିଲାଙ୍କ ସମସ୍ୟାକୁ ଖନା ଦୋଷ କୁହାଯାଏ । ତୀବ୍ରତା ଦୃଷ୍ଟିରୁ ଏହା ଦୁଇ ପ୍ରକାର । ଯଥା ପ୍ରାଇମେରୀ ଓ ସେକେଣ୍ଡାରୀ ଖନା ଦୋଷ । ପାଇମେରୀ ସ୍ତରରେ ଖାଲି ପାଟି ଲାଗୁଥିବାବେଳେ ସେକେଣ୍ଡାରୀ ସ୍ତରରେ କହିବାବେଳେ ଆଖି ମିଟିକା ମାରିବା, ନାକ ଟେକିବା, ହାତ ଛାଡ଼ିବା, ମୁହଁ ମୋଡ଼ିବା, ବେକ ଭାଙ୍ଗିବା ଭଳି ଅଙ୍ଗଭଙ୍ଗୀ ଅଜଣାତରେ ପ୍ରକାଶ କରିଥାନ୍ତି । ଏହାଛଡ଼ା ଜ୍ଞାତସାର ଦୃଷ୍ଟିରୁ ଏହା ଦୁଇ ପ୍ରକାର । ପ୍ରଥମଟିରେ ଖନା ଦୋଷ ବାହାରକୁ ପ୍ରକଟ ହୁଏନାହିଁ । ଅର୍ଥାତ୍ ପିଲାକୁ ଛାଡ଼ିଦେଲେ ତାହାର ନିକଟ ସମ୍ପର୍କୀୟ ମଧ୍ୟ ଖନାଦୋଷର ସମ୍ୟକ ସୂଚନା ପାଇନଥାନ୍ତି । ଦ୍ୱିତୀୟଟିରେ ଖନାଦୋଷ ବାହାରକୁ ପ୍ରକଟ ହୋଇଥାଏ ।

ଆସନ୍ତୁ କାରଣକୁ ନେଇ କିଛି ଆଲୋଚନା ରଖିବା । ପ୍ରଥମତଃ ପ୍ରାୟ ୯୫ ଭାଗ ଶିଶୁ କ୍ରମ ବିକାଶଗତ (ଡେଭଲପ୍‌ମେଣ୍ଟାଲ) ଖନା ଦୋଷର ଶିକାର ହୋଇଥାନ୍ତି । ଏହାର କାରଣ ସାଧାରଣତଃ ମାଆ-ବାପା ବୋଲି କୁହାଯାଏ । ବାକ୍‌ଶ୍ରବଣ ବିଶେଷଜ୍ଞଙ୍କ ମତରେ ଶିଶୁର ଖନା ଦୋଷ ତା ପାଟିରୁ ସୃଷ୍ଟି ନ ହୋଇ ବାପ-ମାଆଙ୍କ କାନରୁ ସୃଷ୍ଟି ହୋଇଥାଏ । ଏହାର ଅର୍ଥ ଶିଶୁର ସାଧାରଣ ପାଟି ଲାଗିବା ଶୁଣି ଏହା ଏକ ବଡ଼ ବିକାର ବୋଲି ଭାବି ଅଭିଭାବକମାନେ ଶିଶୁଙ୍କୁ ଏତେ ତାଗିଦା କରନ୍ତି ଯେ ଚାଲାକ ଶିଶୁଟି ଏକ ଚକ୍ରବ୍ୟୂହରେ ଫସି ଯାଏ । ବେଳେ ବେଳେ ଅଭିଭାବକମାନେ ଏ ବାବଦରେ ଶିଶୁକୁ ଦଣ୍ଡ ଦେଇଥାନ୍ତି । ଶିଶୁଟି ନିଜକୁ ସୁଧାରିବା ଭିତରେ ଅଧିକରୁ ଅଧିକ ଖନେଇବା ଆରମ୍ଭ କରେ । ଯାହା ଛଅବର୍ଷ ବୟସ ପରେ କ୍ୱଚିତ୍ ଠିକ୍ ହୁଏ ନ ହେଲେ ଆଜୀବନ ସେହି ଖନା ଦୋଷରେ ପ୍ରଭାବିତ ହୋଇଥାଏ । ଏହାଛଡ଼ା ବାକି ପାଞ୍ଚ ପ୍ରତିଶତ ଶିଶୁ ସ୍ନାୟୁଗତ କାରଣରୁ, ବାତ ରୋଗରୁ, ଖନା ବାଧିତ ସାଙ୍ଗ ଏବଂ ଅନ୍ୟ ମାନଙ୍କୁ ଅନୁକରଣରୁ ମଧ୍ୟ ହୋଇଥାଇପାରେ । ଆସନ୍ତୁ ଏହାର ନିରାକରଣ ବିଷୟରେ ସମ୍ୟକ ଆଲୋଚନା କରିବା । ୯୫ ପ୍ରତିଶତ ପିଲାଙ୍କୁ ଅଭିଭାବକ ଚାହିଁଲେ ଶିଶୁ ସମୟରୁ ସୁଧାର ଆଣିପାରିବେ । ସେଥିପାଇଁ ପ୍ରଥମେ ତିନି ବର୍ଷର ଶିଶୁକୁ ଏ ସମସ୍ୟା ସମ୍ବନ୍ଧରେ ତାଗିଦା କରିବେ ନାହିଁ । ବହୁତ ସମୟରେ ଶିଶୁର ନିକଟ ସମ୍ପର୍କୀୟଙ୍କ ଖନା ଦୋଷ ଥିଲେ ତାହା ଅଭିଭାବକମାନେ ଡରି ଯାଇ ଏଭଳି ଆଚରଣ କରିଥାନ୍ତି । ଶିଶୁର ସମସ୍ୟା ସମ୍ବନ୍ଧରେ ଶିଶୁ ସମ୍ମୁଖରେ ଅନ୍ୟ କାହା ସହିତ ବିଚାର ଆଲୋଚନା କରିବେନାହିଁ । ଶିଶୁକୁ ତର ତର ନହୋଇ ଧୀରେ ଧୀରେ କହିବା ପାଇଁ ପ୍ରୋତ୍ସାହିତ କରିବେ । ଶିଶୁ କଥା କହିବା ପାଇଁ ଆଗ୍ରହ ପ୍ରକାଶ କଲାବେଳେ ଖନଉ ଥିଲେ ଦୟା ଦେଖାଇ କଥା କହିବାରୁ ତାକୁ ନିବୃତ୍ତ କରିବେ ନାହିଁ ବରଂ ଖନେଇ ଖନେଇ ସେ ତାର ଉକ୍ତିଟି ରଖିବା ପାଇଁ ସୁଯୋଗ ଦିଅନ୍ତୁ । ଛଅ ବର୍ଷ ଭିତରେ ଯଦି ସୁଧାର ନ ଆସେ ତେବେ ବାକ୍‌ଶ୍ରବଣ ବିଶେଷଜ୍ଞଙ୍କର ପରାମର୍ଶ ନିଅନ୍ତୁ । ସାଙ୍ଗ ସାଥି ବା ଅନ୍ୟ କାହାର ଖନା ଦୋଷ ଥିଲେ ତାଙ୍କୁ ଅନୁକରଣ କରିବାକୁ ବାରଣ କରିବେ । ପିଲାର ବାତ ଦୋଷ ଥିଲେ ବା ସ୍ନାୟୁଗତ ଦୋଷ ଥିଲେ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିବେ ।

ସମାଜକୁ ଛୋଟ ଲାଗୁଥିଲେ ବି ବୁଦ୍ଧିଜୀବୀ ମାନଙ୍କ ପାଇଁ ଏହା ଏକ ବଡ଼ ସମସ୍ୟା । ମୋର କର୍ମକ୍ଷେତ୍ର ମେଡ଼ିକାଲ କଲେଜର ଅଭିଜ୍ଞତାରୁ ଯାହା ମୁଁ ଦେଖିଛି ବହୁତ ସମୟରେ ଏହାର ଚିକିତ୍ସା ନ ହେବାରୁ ମେଡ଼ିକାଲ ଏବଂ ଇଞ୍ଜିନିୟରିଂ ପଢୁଥିବା ପିଲାମାନେ, ମୌଖିକ ପରୀକ୍ଷା ସମୟ ବେଳକୁ ବହୁତ ଅସୁବିଧାର ସମ୍ମୁଖୀନ ହୋଇ ମୋ ପାଖକୁ ଆସିଥାନ୍ତି । ଇଞ୍ଜିନିୟରିଂ ଶେଷ ବର୍ଷ ପିଲାମାନେ କ୍ୟାମ୍ପସ ସିଲେକ୍ସନ ବେଳେ ମୌଖିକ ପରୀକ୍ଷାରେ ହତାଶ ହଉଥିବାର ନଜିରି ରହିଛି । ତେଣୁ ଆସନ୍ତୁ ଏହି ସମସ୍ୟାକୁ ଗମ୍ଭୀର ଭାବରେ ନେବା ଏବଂ ଧୀସମ୍ପନ୍ନ ବାଳକ ବାଳିକା ମାନଙ୍କୁ ତାଙ୍କର ଆତ୍ମବଳକୁ ଜାଗ୍ରତ କରିବା ଯାହା ଯୁବପିଢ଼ୀ ପାଇଁ ଅପରିହାର୍ଯ୍ୟ ।

ବାକ୍ ଶ୍ରବଣ ବିଶେଷଜ୍ଞ, ‘ଧ୍ୱନୀ’
ମଙ୍ଗଳାବାଗ, କଟକ,
ଦୂରଭାଷ : ୯୪୩୮୨୭୬୭୬୦

# ପାର୍ବଣ ପ୍ରଦୂଷଣ ଓ ପାର୍ବଣ ଅନୁଚିନ୍ତା


ବିପିନ ବିହାରୀ ରାଉତ

ସଂପ୍ରତି ବେଶ୍ ଧୁମ୍‌ଧାମରେ ଶାରଦୀୟ ପାର୍ବଣର ମହୋତ୍ସବ ଦଶହରା ଆସିଛି । ପ୍ରଥମେ ଖୁଦୁରୁକୁଣୀ ଓଷା ତା ପଛକୁ ଗଣେଷ ଚତୁର୍ଥୀ ପଛକୁ ପଛ ମାଆଙ୍କ ଦଶହରା, ଗଜଲକ୍ଷ୍ମୀ ଓ କାର୍ତ୍ତିକେଶ୍ୱର ପୂଜା ସହ ବାଲିଯାତ୍ରାର ପାର୍ବଣ ଭିତରେ ନୂଆ ବର୍ଷ ପହଞ୍ଚିଯାଏ । ସ୍ୱାଭାବିକ ଭାବରେ ଓଡ଼ିଆ ଚିନ୍ତା ଚେତନାରେ ପାର୍ବଣର ସ୍ଥାନ ସ୍ୱତନ୍ତ୍ର । ପିଲାଠାରୁ ବୟସ୍କ ଲୋକମାନଙ୍କ ପର୍ଯ୍ୟନ୍ତ ସବୁଠି ପାର୍ବଣକୁ ନେଇ ସ୍ୱଭାବିକ ଭାବରେ ଆନନ୍ଦ ଉଲ୍ଲାସ ରହିଥାଏ । ତେବେ ଏହି ଆନନ୍ଦ ପ୍ରାପ୍ତି ଭିତରେ ଅଜାଣତରେ ଅଧିକାଂଶ ବିଭିନ୍ନ ପ୍ରକାର ପ୍ରଦୂଷଣର ଶିକାର ହୋଇ ଯନ୍ତ୍ରଣା ଅନୁଭବ କରିଥାନ୍ତି । ସାମାନ୍ୟ ସଚେତନତା ଅଭାବରୁ ହୁଏତ ଏହା ପରବର୍ତ୍ତୀ ସମୟରେ କୌଣସି ବଡ଼ଧରଣର କଷ୍ଟକୁ ନିମନ୍ତ୍ରଣ କରିଥାଏ । ସମ୍ପ୍ରତି ପୂଣ୍ୟକାର୍ତ୍ତିକ ମାସ ଚାଲିଛି । କେବଳ ସାତ୍ତ୍ୱିକ ଓ ଧାର୍ମିକ ଦୃଷ୍ଟିକୋଣରୁ ନୁହଁ ସ୍ୱାସ୍ଥ୍ୟଗତ ଦୃଷ୍ଟି କୋଣରୁ ଶୀତ ପ୍ରାରମ୍ଭର ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସବୁ ଦୃଷ୍ଟିରୁ । ତେବେ ପାର୍ବଣର ସମୟ ଚାଲିଥିବାରୁ ଅନେକ ଛୋଟ ବଡ଼ ଘଟଣା ପ୍ରତି ସତର୍କ ନରହିଲେ ଏହା ଜଣକୁ ଅସୁବିଧାର ସମ୍ମୁଖୀନ କରିବାକୁ ଦେଇଥାଏ । ପ୍ରଥମେ ଦୃଷ୍ଟି ଦିଅନ୍ତୁ ଖାଦ୍ୟ ଉପରେ । ବଜାରରେ ବିଭିନ୍ନ ପ୍ରକାର ରଙ୍ଗୀନ ଖାଦ୍ୟ ଠାରୁ ତଥାକଥିତ ଦୀର୍ଘଦିନ ଧରି ଫ୍ରିଜ୍‌ରେ ରହୁଥିବା ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ । ସବୁବେଳେ ଗୁରୁତ୍ୱ ଦିଅନ୍ତୁ ଘରୋଇ ପ୍ରସ୍ତୁତିର ଖାଦ୍ୟ ଉପରେ । ଶାସ୍ତ୍ରରେ ଉଲ୍ଲେଖ ରହିଛି ଧର୍ମ ସାଧନ ପାଇଁ ପ୍ରଥମେ ଶରୀରର ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉ । ତେବେ ବଜାରରେ ବର୍ତ୍ତମାନ ବିକ୍ରି ହେଉଥିବା ଆଖିଝଲସା ରଙ୍ଗ ବେରଙ୍ଗର ଖୋଲା ପ୍ରସ୍ତୁତିର ଖାଦ୍ୟ ନିଶ୍ଚିତ ଭାବେ ଦେହ ଖରାପର କାରଣ । ସେହିପରି ବାହାରେ ପାଣି ପିଉଥିଲେ ଏହା କେତେ ଦୂର ବିଶୁଦ୍ଧତି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ପ୍ରଦୂଷିତ ପିଇବା ପାଣି ଶରୀର ହାନୀର ଅନ୍ୟତମ ମୁଖ୍ୟ କାରଣ । ସବୁଠାରୁ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟକର ପିଇବା ପାଣି ପାଇଁ ଫୁଟାପାଣି କିମ୍ବା ଘରୋଇ ବ୍ୟବସ୍ଥାରେ ଥିବା ଆକ୍ୱାଗାର୍ଡ଼ ପାଣି ପିଅନ୍ତୁ । ଟ୍ୟୁୱେଲ କିମ୍ବା ସୁରକ୍ଷା ବ୍ୟବସ୍ଥାରେ ଥିବା ଗଭୀରସ୍ତରର କୂଅ ପାଣିବି ସ୍ୱାସ୍ଥ୍ୟ ପ୍ରତି ଭଲ । ସେହିପରି ଦିନକୁ ଦିନ ବଜାରରେ ଯାନବାହାନର ସଂଖ୍ୟା ବଢ଼ିବାରେ ଲାଗିଛି । ସମୟ ପହଞ୍ଚିଛି ଏପରି ଘର ପ୍ରାୟ ଦେଖିବାକୁ ମିଳିବନି ଯେଉଁଠି ଗାଡ଼ି ଖଣ୍ଡେ ଯେ ନାହିଁ । ତେବେ କଥା ହେଉଛି କୌଣସି ଟ୍ରାଫିକ ଜାମ୍ ଭିତରେ ଅଟକି ଯାଇଥିବା ସମୟରେ ପ୍ରବଳ ଭିଡ଼ ଭିତରେ ଗାଡ଼ିରୁ ବାହାରୁଥିବା ବିଷାକ୍ତ ଧୂଆଁର ସଂସ୍ପର୍ଶ ମଧ୍ୟ ଶରୀର ପାଇଁ କ୍ଷତିକାରକ । ପ୍ରବଳ ଟ୍ରାଫିକ ଜାମକୁ ଯିବା ପୂର୍ବରୁ ପୋଲିସ ବିଭାଗର ଗାଡ଼ି ଯିବା ପାଇଁ ଗନ୍ତବ୍ୟସ୍ଥଳୀ ଓ ନିଜ ନିରାପତ୍ତା କ୍ଷେତ୍ରକୁ ଭଲ ଭାବେ ଦେଖନ୍ତୁ । ପରବର୍ତ୍ତୀ ସମୟରେ ଏହା ଶ୍ୱାସନଳୀକୁ ସଂକ୍ରମିତ କରିବାର ସମ୍ଭାବନା ସୃଷ୍ଟି କରିଥାଏ । ବାହାରକୁ ଯିବା ସମୟରେ ନିଜ ମୂଲ୍ୟବାନ ସାମଗ୍ରୀ ସାଥିରେ ନେଉଥିଲେ ସତର୍କ ରୁହନ୍ତୁ ବିଶେଷକରି ସୁନା ଜିନିଷ, ଦାମୀ ମୋବାଇଲ ଓ ମନିପର୍ସ । ସେହିପରି ପାର୍ବଣ ସମୟରେ ଅଜଣା ଆଗନ୍ତୁକ ବା କୌଣସି ଅଜଣା ଲୋକଟି ସହ ସମ୍ପର୍କ ରଖିବାବେଳେ ସତର୍କତା ଅବଲମ୍ବନ କରନ୍ତୁ କିମ୍ବା ତାଙ୍କ ବିଷୟରେ କିଛି ତଥ୍ୟ ସଂଗ୍ରହ କରନ୍ତୁ । ଦଶହରା ନିଶ୍ଚିନ୍ତ ଭାବେ ସମସ୍ତଙ୍କ ପାଇଁ ଏକ ଆନନ୍ଦ ଓ ଉଲ୍ଲାସର ପାର୍ବଣ ନିଶ୍ଚୟ କିନ୍ତୁ ଦଶହରା ସମୟରେ ଅନେକ ଅପ୍ରୀତିକର ଘଟଣାକୁ ଆମେ ସାମ୍ନା କରିଥାଉ । ଏ ଦିଗ ଗୁଡ଼ିକୁ ଦେଖି ସତର୍କତା ପାଳନ କରିବା ଅତ୍ୟନ୍ତ ଜରୁରୀ । ଦଶହରା ସମୟରେ ବାହାରକୁ ଦୂରଯାତ୍ରାରେ ଯାଉଥିଲେ ନିଜ ଘରର ସୁରକ୍ଷା ସଂକ୍ରାନ୍ତରେ ପଡ଼ୋଶୀକୁ ଜଣାଇବା ସହ ଆପଣଙ୍କ ନିକଟସ୍ଥ ପୋଲିସ ଥାନାକୁ ସୂଚୀତ କରିଥାନ୍ତୁ କାରଣ ଏହି ସମୟରେ ଅନେକ ଚୋରୀ ହୋଇଥାଏ । ଦଶହରା ପରି ଏକ ପବିତ୍ର ସମୟରେ ଆମିଷ ଠାରୁ ଦୂରେଇ ରହିବା ଭଲ ନିଶ୍ଚୟ କିନ୍ତୁ ପରିବାରରେ ମାଦକ ଦ୍ରବ୍ୟର ବିନ୍ଦୁଏ ମାତ୍ର ବି ସ୍ଥାନ ରଖନ୍ତୁ ନାହିଁ । ଯଥାସମ୍ଭବ ଆପଣଙ୍କ ପଡ଼ୋଶୀରେ କେହି ବା ଆପଣଙ୍କ ସାହିରେ କିମ୍ବା କୌଣସି ଦାତବ୍ୟ ସଂଗଠନର ଅନ୍ତେଃବାସୀଙ୍କୁ ଯଥାସମ୍ଭବ ସହାୟତା ଓ ସହଯୋଗ ପ୍ରଦାନ କରନ୍ତୁ ।

ପୂଜା ପାର୍ବଣ ସମୟରେ ଅନେକ ସମୟରେ ଦେଖବାକୁ ମିଳିଥାଏ ଦୀର୍ଘ ସମୟ ଧରି ଜଣେ ଜଣେ କର୍ମବ୍ୟସ୍ତ ଦାୟିତ୍ୱରେ ଏକପ୍ରକାର ଖାଇବା ପିଇବାକୁ ଭୁଲିଯାଇଥାନ୍ତି । ଏହା ଦେହ ଖରାପର କାରଣ ହୋଇଥାଏ । ପେଟ ଗ୍ୟାସ ଠାରୁ ପରବର୍ତ୍ତୀ ସମୟରେ ଏହା ପେଟ ରୋଗର କାରଣ ହୋଇଥାଏ । ନିୟମିତ ବ୍ୟବଧାନରେ ସର୍ବନିମ୍ନ ଭାବରେ ପେଟକୁ ଖାଲି ରଖନ୍ତୁ ନାହିଁ । ସେହିପରି ଖାଦ୍ୟର ଉଚିତ ମାତ୍ରାରେ ବିଶୋଧିତ ପିଇବା ପାଣି ପିଅନ୍ତୁ । ପ୍ରତିଦିନ ମଧ୍ୟାହ୍ନ ଭୋଜନରେ ଖାଦ୍ୟ ମେନୁରେ ସାଲାଡ଼୍, ଦହି ଓ ସବୁଜ ପରିବାର ର ତରକାରିକୁ ସ୍ଥାନ ଦିଅନ୍ତୁ । ବାହାର ପ୍ରସ୍ତୁତିର ଖାଦ୍ୟ ଯେ ସବୁଠି ମନ୍ଦ ତାହା ନୁହେଁ ବରଂ ଦୃଷ୍ଟି ଦିଅନ୍ତୁ ଏହାର ପ୍ରସ୍ତୁତିରେ ଯେପରି ସ୍ୱାସ୍ଥ୍ୟଗତ ଦିଗକୁ ଦୃଷ୍ଟି ଦିଆଯାଇଛି । ଏହି କ୍ରମରେ ଦେଖିଲେ ଦିନକୁ ଦିନ ପାର୍ବଣର ପ୍ରଦୂଷଣ ବଢ଼ି ଚାଲୁଥିବାବେଳେ ଆମ ମାନଙ୍କ ଭିତରେ ସେ ତୁଳନାରେ କିନ୍ତୁ ସଚେତନତା ନାହିଁ । ଆନନ୍ଦର ମହୋତ୍ସବ ଏହି ପାର୍ବଣ ସମସ୍ତଙ୍କ ଭିତରେ ପ୍ରଦୂଷଣ ପାଇଁ ସଚେତନତାର ଭାବନା ସୃଷ୍ଟି କରି ଏହା ହିଁ କାମନା ।

*ଶ୍ରୀବିହାର କଲୋନୀ, କଟକ,*
*ଦୂରଭାଷ : ୯୪୩୭୬୬୬୪୫୩*

# ବିଚିତ୍ର ବିଚାର


ସୁବାଷ କୁମାର ତାରଣିଆଁ

୨୦୧୯ ମସିହା ଲୋକସଭା ନିର୍ବାଚନ ସମୟରେ କର୍ଣ୍ଣାଟକର କୋଲାରଠାରେ ଏକ ନିର୍ବାଚନୀ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମୋଦୀ ସାଙ୍ଗିଆକୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେବା ପ୍ରସଙ୍ଗରେ ବିଜେପି ବିଧାୟକ ପୂର୍ଣ୍ଣେଶ ମୋଦୀ ରାହୁଲଙ୍କ ବିରୋଧରେ ସୁରଟର ଏକ ଅଦାଲତାରେ ମାନହାନୀ ମାମଲା ରୁଜୁ କରିଥିଲେ । ମାମଲାର ବିଚାର କରି ଅଦାଲତ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରି ଦୁଇବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ । ଦଣ୍ଡାଦେଶ ଆଧାରରେ ଗତ ମାର୍ଚ୍ଚ ମାସ ୨୪ ତାରିଖରେ ରାହୁଲଙ୍କ ସାସଂଦ ପଦ ରଦ୍ଦ କରାଯାଇଥିଲା । ସାଂସଦ ପଦ ହରାଇବା ପରେ ଦିଲ୍ଲୀରେ ଥିବା ତାଙ୍କର ସରକାରୀ ବଙ୍ଗଳାକୁ ମଧ୍ୟ ଯଥାଶୀଘ୍ର ଖାଲି କରି ଦିଆଗଲା ଯାହାକୁ ସେ ପରେ ଛାଡ଼ି ଦେଇଥିଲେ । ଦଣ୍ଡାଦେଶ ବିରୋଧରେ ରାହୁଲ ଗାନ୍ଧୀ ପ୍ରଥମେ ସୁରତ ଦୌରାଜଜ ଅଦାଲତାରେ ଆବେଦନ କରିଥିଲା ବେଳେ ତାହା ଅଗ୍ରାହ୍ୟ ହୋଇଥିଲା । ନିମ୍ନ ଅଦାଲତ ରାୟ ଉପରେ ରହିତାଦେଶ ଜାରି କରିବାକୁ ରାହୁଲ ଗୁଜୁରଟ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରିଥିଲେ । ତେବେ ରହିତାଦେଶ ପ୍ରଦାନ କରିବାକୁ ଗଜୁରାଟ ଉଚ୍ଚ ନ୍ୟାୟାଳୟ ମନା କରିଦେଇଥିଲେ । ଆବେଦନର ଶୁଣାଣି କରି ବିଚାରପତି ହେମନ୍ତ ଏମ୍ ପ୍ରଚ୍ଛକ କହିଥିଲେ ଯେ, ବିଚାର ବିଭାଗୀୟ ଅଦାଲତଙ୍କ ଦଣ୍ଡାଦେଶ ଯଥାର୍ଥ । ତେଣୁ ଏହା ଉପରେ କୌଣସି ପ୍ରକାର ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ । ଯେଉଁଥି ପାଇଁ ଆବେଦନକୁ ଅଗ୍ରାହ୍ୟ କରାଯାଇଛି । ଗୁଜୁରାଟ ଉଚ୍ଚ ନ୍ୟାୟାଳୟ ରାୟକୁ ବିରୋଧ କରି ରାହୁଲ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଗତ ଶୁକ୍ରବାର ଦିନ ମାମଲାର ଶୁଣାଣୀ ଆରମ୍ଭ ହୋଇଥିଲା । ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠ ପ୍ରତିପକ୍ଷ ପୂର୍ଣ୍ଣେସ ମୋଦି ଓ ଗୁଜୁରାଟ ସରକାରଙ୍କୁ ନିଜ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ମାସ ୪ ତାରିଖରେ ହେବ ବୋଲି ଦିନ ଧାର୍ଯ୍ୟ କରିଛନ୍ତି । ଯଦି ସର୍ବୋଚ୍ଚ ନ୍ୟାୟାଳୟରୁ ରହିତାଦେଶ ନ ପାଆନ୍ତି ତେବେ ରାହୁଲ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଲଢପାରିବେ ନାହିଁ ତାହା ଏକ ପ୍ରକାର ନିଶ୍ଚିତ ହୋଇଯିବ । ଜାତୀୟ ରାଜନୀତିରେ ମୁଖ୍ୟ ବିରୋଧୀ ଦଳ ଭାବରେ ଦୀର୍ଘ ୯ ବର୍ଷ ଧରି ଦୁର୍ବଳ ଅବସ୍ଥାରେ ଥିବା କଂଗ୍ରେସ, ଶାସକ ବିଜେପିର ଚ୍ୟାଲେଞ୍ଜକୁ ସାମ୍ନା କରିବା ତ ଦୂରର କଥା କିନ୍ତୁ ଅତି ଦୟନୀୟ ଅବସ୍ଥାରେ ଥିଲେ ମଧ୍ୟ ରାହୁଲ ଗାନ୍ଧୀ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ ।

ଏଠାରେ ପ୍ରକାଶଥାଉକି, ଏକାଧିକ ମହିଳାଙ୍କୁ ଧର୍ଷଣ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଡେ଼ରାସଚ୍ଚା ସୌଦୀ ମୁଖ୍ୟ ରାମ ରହିମଙ୍କୁ ପୁନର୍ବାର ୩୦ଦିନ ପାରୋଲ ମିଳିଛି । ରାମ ରହିମ ରୋହତକର ସୁନାରିୟା ଜେଲ୍‌ରୁ ବାହାରିବେ । ମାତ୍ର ଜେଲ ପ୍ରଶାସନ ରାମ ରହିମଙ୍କୁ ସିର୍‌ସା ଡେରା ଯିବାକୁ ଅନୁମତି ନେଇନାହାଁନ୍ତି । ତାଙ୍କୁ ଉତ୍ତର ପ୍ରଦେଶର ବାଗପାଟରେ ଅବସ୍ଥିତ ବରନୱା ଆଶ୍ରମରେ ରହିବାକୁ ପଡ଼ିବ । ରାମ ରହିମଙ୍କ ଏହା ହୋଉଛି ସପ୍ତମ ପାରୋଲ । ଗତ ଜାନୁୟାରୀ ମାସରେ ତାଙ୍କୁ ୪୦ ଦିନ ପାଇଁ ପାରୋଲ ମିଳିଥିଲା । ସେହିପରି ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯ୍ୟାତନା ମାମଲାରେ ଭାଜପା ସାଂସଦ ତଥା ପୂର୍ବତନ କୁସ୍ତିସଂଘ ମୁଖ୍ୟ ବ୍ରିଜଭୂଷଣ ଶରଣ ସିଂହଙ୍କୁ ଦିଲ୍ଲୀ ରାଉଜ ଆଭେନ୍ୟୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି । କୋର୍ଟ କହିଛନ୍ତି ଯେ ବ୍ରିଜଭୂଷଣ ବିନା ଅନୁମତିରେ ବିଦେଶକୁ ଯାଇପାରିବେ ନାହିଁ କିମ୍ବା ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ମହିଳାଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ଧମକ ଚମକ ଦେଇପାରିବେ ନାହିଁ । କୁସ୍ତି ମହାସଂଘର ଅନ୍ୟତମ ସହାୟକ ତଥା ବ୍ରିଜଭୂଷଣଙ୍କ ଘନିଷ୍ଠ ସହଯୋଗୀ ବିନୋଦ ତୋମର ସିଂହଙ୍କୁ ମଧ୍ୟ କୋର୍ଟ ଜାମିନ ପ୍ରଦାନ କରିଛନ୍ତି । ଉଭୟଙ୍କୁ ୨୫ ହଜାର ଟଙ୍କାର ବ୍ୟକ୍ତିଗତ ମୁଚଲିକାରେ ଜାମିନ ପ୍ରଦାନ କରାଯାଇଛି ।

ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀଙ୍କୁ ଗାଳିଦେବା ବା ତାଙ୍କ ବିରୋଧରେ ଅପମାନ ଜନକ ମନ୍ତବ୍ୟ ଦେବା ନିଶ୍ଚିତ ନିନ୍ଦନୀୟ ଓ ଦାୟିତ୍ୱହୀନତାର ପରିଚୟ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କୁ ଗାଳି କଲେ ଜଣଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଇ ପାରିବ ନାହିଁ ବୋଲି କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ କହିଛନ୍ତି । ଉଚ୍ଚ ନ୍ୟାୟାଳୟର ବିଚାରପତି ହେମନ୍ତ ଚନ୍ଦନଗୌଦାର ଏକ ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷଙ୍କ ବିରୋଧରେ ରୁଜୁ ହୋଇଥିବା ଦେଶଦ୍ରୋହ ମାମଲାର ଶୁଣାଣି କରି ଏପରି କହିଛନ୍ତି । ବିଦାରସ୍ଥିତ ସାହିନ ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷଙ୍କ ବିରୋଧରେ ପୋଲିସ ରୁଜୁ କରିଥିବା ଦେଶଦ୍ରୋହ ମାମଲାଟିକୁ ବିଚାରପତି ଖାରଜ କରିଦେଇଛନ୍ତି । ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ଏକ ନାଟକ ପରିବେଷଣ କରିଥିଲେ । ନାଟକରେ ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନା ବିଶେଷକରି ସିଏଏ ଏବଂ ଏନ୍‌ଆରସିକୁ ସମାଲୋଚନା କରାଯାଇଥିଲା । ଏହାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଏବିଭିପି ସଦସ୍ୟଙ୍କ ଅଭିଯୋଗ ଆଧାରରେ ପୋଲିସ୍ ଦେଶଦ୍ରୋହ ମାମଲା ରୁଜୁ କରିଥିଲେ ଯାହାକୁ ନେଇ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି ।

ଏବେ ଆସିବା ଆଉ ଏକ ପ୍ରସଙ୍ଗକୁ । ମଧ୍ୟପ୍ରଦେଶରେ ଜଣେ ଯୁବକ ମାତାଲ ଅବସ୍ଥାରେ ଜଣେ ଆଦିବାସୀ ଯୁବକଙ୍କ ମୁହଁରେ ପରିସ୍ରା କରୁଥିବା ଦୃଶ୍ୟ ସାମ୍ନାକୁ ଆସିଥିଲା । ଭିଡ଼ିଓରେ ପରିସ୍ରା କରୁଥିବା ଯୁବକ ହେଉଛନ୍ତି ପ୍ରବେଶ ଶୁକ୍ଳା ଓ ସେ ବିଜେପି ବିଧାୟକ କେଦାରନାଥ ଶୁକ୍ଳାଙ୍କ ପ୍ରତିନିଧି । ପ୍ରବେଶ ଶୁକ୍ଳା ମାତାଲ ଅବସ୍ଥାରେ ସିଗାରେଟ ଟାଣି ଶ୍ରମିକ ତଥା ଆଦିବାସୀ ଯୁବକ ଦଶରଥ ରାୱତଙ୍କ ମୁହଁ, ମୁଣ୍ଡ ଓ ବେକରେ ପରିସ୍ରା କରୁଥିବା ଭିଡିଓଟି ପ୍ରଘଟ ହେବା ପରେ ସାରା ଭାରତରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏଭଳି ଅମାନବୀୟ ଓ ଅକ୍ଷମଣୀୟ ଘଟଣା ଘଟାଇଥିବା ଅପରାଧୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଥିଲା ଏବଂ ଘଟଣାଟି ରାଜନୈତିକ ମୋଡ଼ ନେଇଥିଲା । ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହାକୁ କଡ଼ା ଭାବରେ ନିନ୍ଦା କରିବା ସହ ଏନ୍‌ଏସ୍‌ଏ ଆଇନ ଅନୁଯାୟୀ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ପ୍ରବେଶ ଶୁକ୍ଳାଙ୍କ ଘରକୁ ବୁଲ୍‌ଡ଼ୋଜର ଲଗାଇ ଭାଙ୍ଗି ଦିଆଯାଇଥିଲା ଏବଂ ତାଙ୍କୁ ଗରିଫ କରାଯାଇଥିଲା । ପରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଦିବାସୀ ଯୁବକ ଦଶରଥ ରାୱତଙ୍କୁ ନିଜ ବାସଭବନକୁ ଡ଼କାଇ ଦଶରଥଙ୍କୁ ଏକ ଭଲ ଚୌକିରେ ବସାଇ ତାଙ୍କ ପାଦ ଧୋଇ ସେହି ପାଣିକୁ ମୁଣ୍ଡରେ ଲଗାଇବା ସହ କ୍ଷମା ପ୍ରାର୍ଥନା କରିଥିଲେ ଏବଂ ତାଙ୍କୁ ନଡ଼ିଆ, ଅଙ୍ଗବସ୍ତ୍ର ଓ ଫୁଲମାଳ ପିନ୍ଧାଇ ପୂଜା କରିବା ସହ ମିଷ୍ଟାନ୍ନ ଖୁଆଇଥିଲେ । ଏଥିସହ ଏକ ଗଣେଶ ମୂର୍ତ୍ତି ତାଙ୍କୁ ଉପହାର ଦେଇ ପାଖରେ ବସାଇ କିଛି ସମୟ କଥା ହୋଇଥିଲେ । ଗରିବମାନେ ତାଙ୍କ ପାଇଁ ଈଶ୍ୱର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ଚୌହାଣଙ୍କ ଏଭଳି ଉଦ୍ୟମ ଗରିବ ଓ ଆଦିବାସୀଙ୍କ ପ୍ରତି ଶ୍ରେଷ୍ଠ ଉପହାର । ମାତ୍ର ଏହି ଘଟଣାର ପରଦିନ ପୀଡ଼ିତ ଆଦିବାସୀ ଯୁବକ ଦଶରଥ ରାୱତଙ୍କ ମନ୍ତବ୍ୟ ଭିନ୍ନ ମୋଡ଼ ନେଇଥିଲା । ଦଶରଥ କହିଥିଲେ ଯେ, ପ୍ରବେଶ ଶୁକ୍ଳା ତାଙ୍କ ଭୁଲ୍ ବୁଝି ସାରିଛନ୍ତି, ତେଣୁ ତାଙ୍କୁ ମୁଁ କ୍ଷମା କରିଦେଉଛି, ତାଙ୍କୁ ଦୋଷମୁକ୍ତ କରାଯାଉ । ଦଶରଥ ତାଙ୍କ ମାନବିକତା ଦୃଷ୍ଟିରୁ କୁହନ୍ତୁ ବା ତାଙ୍କୁ ଏଭଳି କହିବା ପାଇଁ ଚାପ ପ୍ରୟୋଗ କରାଯାଉ, ଏଭଳି କହିବା ଦ୍ୱାରା ଭବିଷ୍ୟତରେ ଆହୁରି ଅନେକ ଦଶରଥଙ୍କ ଉପରେ ଏଭଳି ଘଟଣା ଘଟିବା ପାଇଁ ପଥ ପରିଷ୍କାର ହୋଇଯିବ ।

ଭାରତ ଭଳି ଗୋଟିଏ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜାତୀୟ ରାଜନୀତିରେ ଜଣେ ପ୍ରମୁଖ ବିରୋଧୀ ଦଳର ନେତାଙ୍କୁ ଦଣ୍ଡିତ କରିବା ସହ ସାଂସଦ ପଦ ରଦ୍ଦ କରାଯିବା ମାତ୍ରାଧିକ ଦଣ୍ଡ ବୋଲି ଅନେକ ରାଜନୈତିକ ସମୀକ୍ଷକ ବିଚାର କରୁଛନ୍ତି । ରାହୁଲଙ୍କ ଦଣ୍ଡାଦେଶ ପରେ ଏବେ ଯୁକ୍ତି ହେଉଛି ଯେ, ଏପରି ମାନହାନୀ ପ୍ରସଙ୍ଗ ଗୁଡ଼ିକୁ ଅପରାଧ ଭାବେ ପରିଗଣିତ ହେବା ଅନୁଚିତ । ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଆଇନ ପ୍ରଣୟନକାରୀ ଏବଂ ସର୍ବୋପରି ନ୍ୟାୟପାଳିକା ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଚାର କରିବା ଉଚିତ୍ ।

କଣ୍ଟି, ବାହାରଣା, ବାଲିକୁଦା,
ଜଗତସିଂହପୁର
ମୋ : ୮୩୨୮୮୪୦୨୧୪




# ନିକୁଞ୍ଜ ବିହାରୀ ପୃଷ୍ଟିଙ୍କ କାବ୍ୟ ପୁସ୍ତକ ଦିଗନ୍ତ କୁହେଳି ଉନ୍ମୋଚିତ



କେନ୍ଦ୍ରାପଡ଼ା (ପିଏନ୍):କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଏକ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କବି ନିକୁଞ୍ଜ ବିହାରୀ ପୃଷ୍ଟିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କବି ତଥା ପୂର୍ବତଟ ରେଳ ବିଭାଗର ଲୋକସମ୍ପର୍କ ଅଧିକାରୀ ନିରାକାର ଦାସ ଯୋଗଦେଇ ଥିବା ବେଳେ ଡଃ. ନୀଳମଣି ଲେଙ୍କା, ଗୀତିକାର ବଳରାମ ଲେଙ୍କା, ଡଃ. ଶିବ ପ୍ରସାଦ ଦଳାଇ, ଡଃ. ପ୍ରଭାତରଞ୍ଜନ ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କବି ନିକୁଞ୍ଜ ବିହାରୀ ପୃଷ୍ଟିଙ୍କ କାଞ୍ଚନିକ କାବ୍ୟ ପୁସ୍ତକ "ଦିଗନ୍ତ କୁହେଳି" ଏବଂ ତାଙ୍କ ପନ୍ନୀ ତଥା କବୟିତ୍ରୀ ଅନିତା ପୃଷ୍ଟିଙ୍କ ରଚିତ କବିତା ସଙ୍କଳନ ପୁସ୍ତକ 'ସୀମନ୍ତିନୀ"ର ଲୋକାର୍ପଣ କରିଥିଲେ। ଅତିଥିମାନେ ଉଭୟ ପୁସ୍ତକର ଭୁରୀଭୁରୀ ପ୍ରଶଂସା କରିବା ସହିତ ଉଭୟ ରଚୟିତା ଦମ୍ପତିଙ୍କୁ ଏଭଳି ପୁସ୍ତକ ଲେଖିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ସାହିତ୍ୟ ଫର୍ଦ୍ଦ ଓ ବନଫୁଲ ପ୍ରକାଶନର ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ ସମୀକ୍ଷକ ଭାବରେ ଯୋଗଦେଇ ଉଭୟ ପୁସ୍ତକର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଆରାଧନା ଦାଶ, ଚାରୁଲତା ଭୂୟାଁ, ଅଶୋକ କୁମାର ସାହୁ, ଡଃ. ଅଭୟ କୁମାର ରାଉତଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଉପସ୍ଥିତ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ ଅମର ପ୍ରସାଦ ରାଉତ, ଶରତ କୁମାର ରାଉତ, ଟିଟିକାନ୍ତ ନାୟକ, ଗଗନ ବିହାରୀ ଜେନା, ଅଧର ଜେନା, ଗଗନ ବିହାରୀ ସିଂ, ମାଧବାନନ୍ଦ ଦାସ, ରଞ୍ଜନ ବାଇ, ଅଜୟ ପାତ୍ର, ସଞ୍ଜୟ କୁମାର ମଥାନ, ଶଙ୍କର୍ଷଣ ସାହୁ, କବିତା ମୁଦୁଲି, ସ୍ୱପ୍ନାଂଶୁ ଦାସ, ପ୍ରଦୀପ ଦାଶ, ନକୁଳ ପଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ନିଜର ସାହିତ୍ୟ କୃତି ନିମନ୍ତେ ହେମନ୍ତ କୁମାର ରାଉତ, ମନ୍ମଥନାଥ ବରାଳ, ରତ୍ନାକର ମଳିକ, ରାମକୃଷ୍ଣ ଦାଶ, ସଞ୍ଜୟ ମଲିକ, ଭୀମସେନ ନାୟକ, ମେଜର ଭରତ ଚନ୍ଦ୍ର ଜେନା, ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ବରାଳ, ବ୍ୟଙ୍ଗକବି ଶ୍ରୀଧର କୁମାର ମହାନ୍ତି, ଶୁଭାଂଶୁ ଦାସ, ଅବନ୍ତୀ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କବି ଶୈଳଜାଶଙ୍କର ସାମଲ ସଭା ସଂଚାଳନ କରିଥିବା ବେଳେ ଗୋଲକ ବିହାରୀ ସେଠୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି, ସ୍ୱେଚ୍ଛାସେବୀ ଶଶି ପ୍ରସାଦ ମହାରଣା, ରାଜେନ୍ଦ୍ର ଲେଙ୍କା, ଲୋପିତା ପଲାଇ, ମ ୁଚରଣ ବେହେରା, କ୍ଷିରାବ୍ଧିତନୟା ମଲ୍ଲିକ, ତନିଷ୍କା ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରମୁଖ ସଂପୂର୍ଣ୍ଣ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

## ଅର୍ଦ୍ଧେନ୍ଦୁଙ୍କ ଗିରଫଦାରୀ ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା



ପାରାଦୀପ (ପିଏନ୍)- ରାଜ୍ୟର ଅନ୍ୟତମ ବୈଦ୍ୟୁତିକ ଗଣମାଧ୍ୟମ ବଡ ଖବରର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସଙ୍କ ଗିରଫଦାରୀକୁ ନିନ୍ଦା କରିଛନ୍ତି ପାରାଦୀପର ସାମ୍ବାଦିକ ଓ ସମାଜସେବୀ। ଗତ ସୋମବାର ଦିନ ପାରାଦୀପ ମଧୁବନସ୍ଥିତ ଆମ୍ବେଦକର ଭବନ ପରିସରରେ ଏହି ଅବସରରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ରବିନ୍ଦ୍ର କୁମାର ଜେନା, ରତ୍ନାକର ଜେନା, ପ୍ରଶାନ୍ତ ରାଉତ, ଶଶାଙ୍କ ଶେଖର ଆଚାର୍ଯ୍ୟ,ଶରତ ରାଉତ, ଜଗବନ୍ଧୁ ସ୍ୱାଇଁ,ହରିଶ୍ଚନ୍ଦ୍ର ଲେଙ୍କା, ନାରାୟଣ ବେହେରା, ବିବେକାନନ୍ଦ ରାଉତ, ସିଦ୍ଧେଶ୍ୱର ସ୍ୱାଇଁ, ସମାଜସେବୀ ଇଂ.ମନୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଶାସନର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଦୃଢ ନିନ୍ଦା କରିବା ସହିତ ଅର୍ଦ୍ଧେନ୍ଦୁ ଦାସଙ୍କୁ ତୁରଂ ଖଲାସ କରିବାକୁ ଦାବୀ କରିଥିଲେ। ଦୁର୍ନିତୀ,ସାଧାରଣ ଲୋକଙ୍କ ସମସ୍ୟା ପ୍ରଶାସନ ଆଗରେ ଉପସ୍ଥାପନା କରିବା ସେହି ଖବର ଗୁଡିକୁ ଲୋକମାନଙ୍କ ଆଗରେ ପ୍ରକାଶ କରିବା ଗଣମାଧ୍ୟମର କାମ। ଗଣମାଧ୍ୟମର କଣ୍ଠରୋଧ କରାଗଲେ ଏହା ଦେଶର ଗଣତନ୍ତ୍ର ପ୍ରତି ବିପଦ ସୃଷଟି କରିପାରେ ବୋଲି ସାମ୍ବାଦିକମାନେ ମତ ଦେଇଥିଲେ। ଗୋଟିଏ ସୁସ୍ଥ ସମାଜ ଗଠନ ପାଇଁ ଗଣମାଧ୍ୟମକୁ ସ୍ୱାଧୀନତା ଦେବା ସହ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବାକୁ ସାମ୍ବାଦିକମାନେ ଦାବୀ କରିଥିଲେ।

## ଅବାଧ ଓ ମୁକ୍ତ ସମିତି ନିର୍ବାଚନ ପାଇଁ ପ ାୟତ କାର୍ଯ୍ୟାଳୟରେ ବୁଥ୍ କରିବାକୁ ଦାବି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପ୍ରାଥମିକ କୃଷି ସମବାୟ ସମିତି ନିର୍ବାଚନକୁ ଅବାଧ ଓ ମୁକ୍ତ କରାଯିବା ପାଇଁ ଭୋଟ ଗ୍ରହଣ କେନ୍ଦ୍ର ଏକପାଖିଆ ଭାବେ ବଳିରାଜରେ କରାନଯାଇ ବଗଡା ପ ାୟତ କାର୍ଯ୍ୟାଳୟ କିମ୍ବା ସମବାୟ ସମିତି କାର୍ଯ୍ୟାଳୟରେ କରାଯିବାକୁ ସ୍ଥାନୀୟ ସରପ ସୁବନୀ ସାହୁ ଓ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ ପ୍ରାର୍ଥୀମାନେ ଦାବି କରିଛନ୍ତି। ଏନେଇ ଏକ ଅଭିଯୋଗ ପତ୍ର କେନ୍ଦ୍ରାପଡା ସମବାୟ ସମିତି ସମୂହର ସହକାରୀ ନିବନ୍ଧକଙ୍କୁ ପ୍ରଦାନ କାରଯିବା ସହ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସମବାୟ ସମିତିର କୌଣସି ଜୋନରେ ଭୋଟର ସଂଖ୍ୟା ହଜାରରୁ କମ ରହିଲେ ସମବାୟ ସମିତି କାର୍ଯ୍ୟାଳୟ କିମ୍ବା ପ ାୟତ କାର୍ଯ୍ୟାଳୟରେ ବୁଥ୍ କରାଯିବାକୁ ନିୟମ ରହିଛି। କିନ୍ତୁ ବଗଡା ସମବାୟ ସମିତି ପକ୍ଷରୁ ବଳିରାଜ ଗ୍ରାମରେ ଏକ ଅସୁରକ୍ଷିତ ପରିତ୍ୟକ୍ତ ସ୍କୁଲ ଘରେ ଭୋଟ ଗ୍ରହଣ କେନ୍ଦ୍ର କରାଯାଇଥିବାରୁ ଏହାକୁ ନେଇ ସ୍ଥାନୀୟ ସରପ ଓ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍କୁଲଘରର ଦାୟୀତ୍ୱ ସରପ ଙ୍କ ଠାରେ ନ୍ୟସ୍ତ ଥିବାବେଳେ ତାଙ୍କୁ ନଜଣାଇ ଏଭଳି ନିଷ୍ପତି ନିଆଯାଇ ଥିବାରୁ ଏହାକୁ ବାତିଲ କରାଯାଇ ପ ାୟତ କାର୍ଯ୍ୟାଳୟ କିମ୍ବା ସମବାୟ ସମିତି କାର୍ଯ୍ୟାଳୟରେ ଭୋଟ ଗ୍ରହଣ କେନ୍ଦ୍ର କରାଯିବାକୁ ସରପ ଶ୍ରୀ ସାହୁ ଦାବି କରିଛନ୍ତି।

## ପୈତୃକ ଗ୍ରାମ ବୈଶିଙ୍ଗାରେ ସାମ୍ବାଦିକ ଅଶୋକ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳୀ

ବାରିପଦା (ପିଏନ୍)- ବୈଶିଙ୍ଗା ଗ୍ରାମବାସୀ ସ୍ଥାନୀୟ ଅ ଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ "ବୈଶିଙ୍ଗା ଆ ଳିକ ବିକାଶ ପରିଷଦ ତଥା "ପ୍ରେସକ୍ଲବ ବୈଶିଙ୍ଗା ତରଫରୁ ବୈଶିଙ୍ଗା ଗ୍ରାମ ସ୍ଥିତ ଚନ୍ଦନ ପୋଖରୀ ନିକଟରେ ଅ ଳର ଗର୍ବ ଗୌରବ ତଥା ସାରା ରାଜ୍ୟର ସୁନାମାଧନ୍ୟ ବରିଷ୍ଠ ଫୋଟ ସାମ୍ବାଦିକ ଶ୍ରୀଯୁକ୍ତ ଅଶୋକ କୁମାର ପଣ୍ଡାଙ୍କ ଅକାଳ ବିୟୋଗ ର ତୃତୀୟ ଦିନରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ବୈଶିଙ୍ଗା ଗ୍ରାମ କମିଟିର ସଭାପତି ଅଞ୍ଜନ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନୀୟ ଅତିଥି ଭାବେ ଗ୍ରାମ କମିଟିର ସଂପାଦକ ସର୍ବେଶ୍ୱର ଦାସ, ପ୍ରଶାନ୍ତ ପଣ୍ଡା, ସୁଦର୍ଶନ ଦାସ, ରବୀନ ପଣ୍ଡା, ଶ୍ରୀକାନ୍ତ ବିନ୍ଧାଣୀ ,ରତନ ଲାଲ ଦାସ,ଆଇନଜିବୀ ମନୋଜ କୁମାର ପଣ୍ଡା, ପଙ୍କୋଜ ପଣ୍ଡା, ସୁବାସ ପଣ୍ଡା, ବସନ୍ତ ପଣ୍ଡା, ସମୀର ପଣ୍ଡା, ସତ୍ୟବ୍ରତ ମହାପାତ୍ର, ସରୋଜ ପୁଥାଳଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ କି ସ୍ୱର୍ଗତ ଅଶୋକ କୁମାର ପଣ୍ଡା ବୈଶିଙ୍ଗା ଗ୍ରାମର ସ୍ୱର୍ଗତ ପିତାମ୍ବର ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ। ସେ ୧୯୬୧ ମସିହା ସେପ୍ଟେମ୍ବର ୨୪ ତାରିଖରେ ନିଜ ଗ୍ରାମ ବୈଶିଙ୍ଗାରେ ଜନ୍ମ ଗ୍ରହଣ କରିଥିବା ବେଳେ ୧୯୭୬ ମସିହାରୁ ଘର ଛାଡ଼ି ଭୁବନେଶ୍ୱର ଯାଇଥିଲେ। ପିଲାଟି ଦିନରୁ ତାଙ୍କର ଫୋଟଗ୍ରାଫି ପ୍ରତି ଅହେତିକ ଦୁର୍ବଳତା ଥିବାଯୋଗୁଁ ପରେ ସେଠାରେ ସେଇଟିକୁ ସେ ନିଜର ଜୀବିକା ରୂପେ ବାଛି ନେଇଥିଲେ। ୧୯୯୯ ମହାବାତ୍ୟା ସମୟରେ ରାଜ୍ୟର ଦୁର୍ଦ୍ଦଷ ପରିସ୍ଥିତି ସମ୍ବନ୍ଧିୟ ତାଙ୍କ ଫୋଟ ଗ୍ୟାଲେରୀ ପାଇଁ ସେ ଜାତୀୟ ସ୍ତରରେ ନିଜକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ସେ ଜିଲ୍ଲା ଓ ରାଜ୍ୟ ତଥା ଜାତୀୟସ୍ତରରେ ମଧ ନିଜର ଫୋଟଗ୍ରାଫି ପାଇଁ ବହୁବାର ପୁରସ୍କୃତ ହୋଇଛନ୍ତି। ମୃତ୍ୟୁ ବେଳକୁ ସେ ଓଡ଼ିଶାର ଏକ ଆଗଧାଡ଼ିର ଖବର କାଗଜ "ସମୟ" ଓ "ଟାଇମ୍ସ ଅଫ ଇଣ୍ଡିଆ ରେ ଫୋଟ ସାମ୍ବାଦିକ ଭାବେ କାର୍ଯ୍ୟରତ ଥିଲେ। ମୃତ୍ୟୁ ଦିନ ମଧ ସେ ନିଜ କାର୍ଯ୍ୟ ସଂପାଦନ ପାଇଁ ପୁରୀ ରଥଯାତ୍ରା ଅଭିମୁଖେ ଯାଉଥିଲେ ଓ ରାସ୍ତା ଦୂର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ। ଆଜି ଅଶୋକଙ୍କ କ ଶ୍ରଦ୍ଧାଞ୍ଜଳୀ ସଭା ଅବସରରେ ଗ୍ରାମର ଏସଏଚଜି ଗୃପର ମହିଳା, ସ୍ଥାନୀୟ ଯୁବଗୋଷ୍ଠି ସାମ୍ବାଦିକ ସାମ୍ବାଦିକ ସଞ୍ଜୟ ମିଶ୍ର, ସତ୍ୟପ୍ରକାଶ ପ୍ରଧାନ, ବିମଳାନ୍ଦୁ ମହାପାତ୍ର ପ୍ରେସ କ୍ଲବ ବୈଶିଙ୍ଗା ତରଫରୁ ଚିନ୍ମୟ ମିଶ୍ର, ଅଭିନାଶ ପଣ୍ଡା, ରଞ୍ଜିତ ନାୟକ, ସାନ୍ତନୁ ପଣ୍ଡା ଓ ନୀସୀଥ ରାଉତ ପ୍ରମୁଖ ଉପସ୍ଥିତ ରହି ଏକ କ୍ୟାଣ୍ଡେଲ ଯାତ୍ରାରେ ଗ୍ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ ଓ ଆୟୋଜିତ ଶୋକ ସଭାରେ ଅମର ଆତ୍ମାର ସଦଗଦି କାମନା କରି ୨ ମିନିଟ୍ ନିରବ ପ୍ରାର୍ଥନା ସହ ସ୍ମୃତିଚାରଣ କରିଥିଲେ। ପରିଶେଷରେ ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ସଂପାଦକ ସଂଯୋଜକ ବିବେକାନନ୍ଦ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଟ୍ୟକାର ଡା. ଧନେଶ୍ୱର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ: ସ୍ମରଣିକା 'ସ୍ମୃତିରେ ତୁମେ' ଲୋକାର୍ପିତ



ଖୋର୍ଦ୍ଧା (ପିଏନ୍)- ନାଟ୍ୟକାର ଡାକ୍ତର ଧନେଶ୍ୱର ସାହୁ ବିଦାୟ ନେବାର ବର୍ଷେ ବିତିଗଲାଣି। ତେବେ ତାଂକର ସେଇ ଚେହେରା ଏବେବି ଜଳଜଳ ହୋଇ ଦିଶୁଛି। ଭଲ ମଣିଷମାନେ ଏତେ ଶୀଘ୍ର ବିଦାୟ ନେବା କଥା ନୁହେଁ ବୋଲି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧିଙ୍କର ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉ ର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଆମରିସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡ. ବିଷ୍ଣୁ ଚରଣ ସାହୁ, ଡ. ଶରଚ୍ଚନ୍ଦ୍ର ମହାପାତ୍ର, ସମ୍ବାଦ ସାହିତ୍ୟଘର ସଂପାଦକ ଗୋବିନ୍ଦ ମହାରଣା, ଡ. ଚପଳା ପଣ୍ଡା, ଡ. ବୃନ୍ଦାବନ ପାଣ୍ଡା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଇତିଶ୍ରୀ ସାହୁ, ସନ୍ତୋଷ କୁମାର ମହାନ୍ତି, କିଶୋର ଚନ୍ଦ୍ର ପରମଗୁରୁ, ସୁଜିତ ମିଶ୍ର, ମନୋରମା ପାଢ଼ୀ, ସୁବାସିନି ପଟ୍ଟନାୟକ, ଜ୍ୟୋତିପ୍ରଭା ପଟ୍ଟନାୟକ, ରାମଶଙ୍କର, ଦେବୀ ପ୍ରସାଦ ମଜୁମଦାର, କୃଷ୍ଣଚନ୍ଦ୍ର ହରିଚନ୍ଦନ, କିଶୋର ପାଇକରାୟ, ରଶ୍ମୀତା ନାୟକ, ସିଦ୍ଧେଶ୍ୱର ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ସାହୁଙ୍କ ଜୀବନର ବିଭିନ୍ନ ଘଟଣା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଡାକ୍ତର ସାହୁ ଜଣେ ନିଷ୍ଠାପର ଡାକ୍ତର ଥିଲେ। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଭାବେ ସୁନାମ ଅର୍ଜନ କରିଥିଲେ। ପାରିବାରିକ ତଥା ସାମାଜିକ ଘଟଣାବଳିକୁ ନେଇ ସେ ବହୁ ନାଟକ ରଚନା କରିଥିଲେ। ତାଙ୍କର ଅନେକ ନାଟକ ଆନ୍ଦୋଳନ ନାଟ୍ୟସଂସ୍ଥା ଦ୍ୱାରା ମଂଚସ୍ଥ ହୋଇ ପୁରସ୍କୃତ ହୋଇଛି। ଏହି ଅବସରରେ ଆମରିସତ୍ୟ ଦ୍ୱାରା ପ୍ରକାଶିତ ସ୍ମରଣିକା 'ସ୍ମୃତିରେ ତୁମେ' ଲୋକାର୍ପିତ ହୋଇଥିଲା। ଡା. ସାହୁଙ୍କ ପୁତ୍ର ଅମିତ କୁମାର ସାହୁ, ଅମ୍ଲାନ ସାହୁ, ଧର୍ମପନ୍ନୀ ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟ ସ୍କାଉଟ ଓ ଗାଇଡ୍ ସଂଗଠନ ଦ୍ୱାରା ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ପ୍ରତିବର୍ଷ ପରି ଏ ବର୍ଷ ମଧ ଜୁନ୍ ମାସ ୨୧ ତାରିଖ ଦିନଟିକୁ ଅନ୍ତର୍ଜାତୀୟ ଯୋଗ ଦିବସ ରୂପେ ପାଳନ କରିଅଛି। ଏହି ଅବସରରେ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓଡିଶାର ପ୍ରତ୍ୟେକ ଜିଲ୍ଲାରେ କବ୍, ବୁଲ୍‌ବୁଲ୍, ସ୍କାଉଟ, ଗାଇଡ୍, ରୋଭର, ରେଞ୍ଜର ଏବଂ ସେମାନଙ୍କର ଲିଡରମାନଙ୍କ ସହିତ ବିଭିନ୍ନ ସ୍ଥାନରେ ପ୍ଲାକାର୍ଡ ଏବଂ ସ୍ଲୋଗାନ ମାଧ୍ୟମରେ ଯୋଗର ଉପକାରୀତା ବିଷୟରେ ଜନସମାଜକୁ ସଚେତନତା କରାଇବା ସଙ୍ଗେ ସଙ୍ଗେ ନିଜକୁ ସୁସ୍ଥ ରଖିବା ପାଇଁ ଯୋଗ ମଧ କରିଥିଲେ। ଏହାବ୍ୟତୀତ ଓଡିଶା ରାଜ୍ୟ ସଂସ୍ଥାର ସମସ୍ତ କର୍ମକ ାମାନେ ସକାଳୁ ରାଜ୍ୟ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଯୋଗାଭ୍ୟାସ କରିଥିଲେ ଏବଂ ର୍ୟାଲି ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଥିଲେ।

## ସାଧନା ଫାଉଣ୍ଡେସନ ତରଫରୁ ବିଶ୍ୱ ଯୋଗ ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ସଧନା ଫାଉଣ୍ଡେସନ ବାଲେଶ୍ୱର ତରଫରୁ ସ୍ଥାନୀୟ ବୁଦ୍ଧବିହାର ଶ୍ରୀକର୍ଣ୍ଣପୁର ମୌଜାରେ ବିଶ୍ୱ ଯୋଗ ଦିବସ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ରବିନାରାୟଣ ଦାସ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସର୍ଭିସେସ୍‌ର ପୂର୍ବତନ ନିର୍ଦ୍ଦେଶକ ଯୋଗଦେଇ ବିଶ୍ୱ ଯୋଗ ଦିବସର ମହ ୍ୱ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଂପାଦିକା ସୁଜାତାରାଣୀ ପଣ୍ଡା, ସଭାପତି-ଶ୍ରୀଯୁକ୍ତ ଜୀବନ କୁମାର ମହାନ୍ତି, ଉପସଭାପତି ଶ୍ରୀମତୀ ପ୍ରଶାନ୍ତି ପଣ୍ଡା, ସମାଜସେବକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ପଣ୍ଡା, ପବିତ୍ର ପଣ୍ଡା ଓ ଶ୍ରୀଯୁକ୍ତ ବିଜେନ୍ଦ୍ର ଦାସ ଯୋଗ ଦେଇଥିଲେ। ସ୍ଥାନୀୟ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଯୋଗ ଶିବିର ଆୟୋଜିତ ହୋଇଥିଲା। ମାନବିକତା ପାଇଁ ଯୋଗର ଆବଶ୍ୟକତା ଅଧିକ ଅଛି। ତେଣୁ ଏହି ବା ାକୁ ଆମେ ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ପହ ାଇବା ଦରକାର ବୋଲି ଅତିଥିମାନେ କହିଥିଲେ।

## ସୁସ୍ଥ ଓ ସମୃଦ୍ଧ ଜୀବନ ପାଇଁ ଯୋଗାଭ୍ୟାସ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର (ପିଏନ୍): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚ୍ଛଳିତ ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ପକ୍ଷରୁ ୮ମ ଅନ୍ତର୍ଜାତୀୟ ଯୋଗଦିବସ ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଡ୍‌ମିନିଷ୍ଟ୍ରେସନ୍ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏକ ସୁସ୍ଥ ଓ ସମୃଦ୍ଧ ଜୀବନ ପାଇଁ ପ୍ରତିଦିନ ଯୋଗାଭ୍ୟାସ କରିବା ଗୁରୁତ୍ୱପୂର୍ଣ୍ଣ। ସାମ୍ପ୍ରତିକ ସମୟରେ ଯୁବଗୋଷ୍ଠୀ ଯୋଗ କରିବା ପାଇଁ ଆଗେଇ ଆସିବା ଦରକାର। ଯୋଗ ମାଧ୍ୟମରେ ଶରୀର ଓ ମନର ସମନ୍ୱୟ ରକ୍ଷା ସହିତ ରୋଗ ପ୍ରତିରୋଧକ ଶକ୍ତିର ବୃଦ୍ଧି ଘଟି ଅନେକ ପ୍ରକାର ରୋଗର ପ୍ରାଦୁର୍ଭାବରୁ ମୁକ୍ତି ମିଳିଥାଏ। ମାନସିକ ସ୍ଥିତିର ବିକାଶ ଘଟିଥାଏ ବୋଲି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର ସଂଗଠନର ଉପନିର୍ଦ୍ଦେଶକ ବିମଲ ପାଟ୍ରିକ ଶାହା, ସହ ନିର୍ଦ୍ଦେଶକ ଶକ୍ତିସ୍ୱରୂପ ସିଂ, ଜିଲ୍ଲା ଯୁବ ଅଧିକାରୀ ବିପିନ କୁମାର, ନିସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ନାୟକ, ଏକାଡ଼େମୀକ୍ ଆଡ୍‌ଭାଇଜର ପି. କେ. ତ୍ରିପାଠୀ, ଭାରତୀୟ ଯୋଗ ସଂସ୍ଥାନର ସଭାପତି ରାମକିଶୋର ଶର୍ମା, ନାବାର୍ଡ଼ ଭୁବନେଶ୍ୱରର ଅବସରପ୍ରାପ୍ତ ଏଜିଏମ୍ ବିଧୁଭୂଷଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏକଶହରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ କୁଳମଣି ମଲ୍ଲିକ, ପ୍ରଫୁଲ୍ଲ ଡ଼ାକୁଆ, ଶୁଭେନ୍ଦ୍ରନାଥ ସାହୁ ଏବଂ କୈଳାସ ଚନ୍ଦ୍ର ମହାନ୍ତି ପ୍ରମୁଖ ପରିଚ୍ଛଳନାରେ ସହଯୋଗ କରିଥିଲେ।

## ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା କୋତପୁର ଫାଣ୍ଡି ଅଂଚଳର ଜଣେ ୯ ବର୍ଷର ନାବାଳିକାକୁ ଅସଦାଚରଣ ଉଦ୍ୟମ କରିଥିବା ଅଭିଯୋଗରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ନାବାଳିକାକୁ ଏକୁଟିଆ ପାଇ ଜୋରଜବରଦସ୍ତ ନିଜ ଘରକୁ ଉଠାଇ ନେଇ ଅସଦାଚରଣ ଉଦ୍ୟମ କରିଥିଲା। ଏନେଇ ନାବାଳିକାର ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତିକରି ପୁଲିସ ୩୬୧/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିପିନବିହାରୀ ଦାସକୁ ଗିରଫ କରିବା ସହ ଧର୍ମଶାଳା ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯାଇ ଯାଜପୁର କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଚାରିଦିନ ତଦନ୍ତ କରି ଫେରିଲା ଆୟକର ବିଭାଗ

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଞ୍ଚଳରେ ଆୟକର ବିଭାଗର ଅଧିକାରୀମାନେ ଚାରିଦିନ ଧରି ତଦନ୍ତ କରି ଫେରିଯାଇଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ବିଭାଗୀୟ ଅଧିକାରୀମାନେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଜବତ କରି ନେଇଥିବା ଜଣାପଡିଛି। ସୂଚନା ମୁତାବକ, ଆୟକର ବିଭାଗର ଅଧିକାରୀମାନେ ଗତ ୧୬ ତାରିଖରୁ ଧର୍ମଶାଳାର ଏକାଧିକ ସ୍ଥାନରେ ଚଢ଼ାଉ କରି ଖଣି ବ୍ୟବସାୟୀଙ୍କ ଘର, କାର୍ଯ୍ୟାଳୟ ଓ କ୍ରସରଗୁଡିକରେ ଛାନଭିନ କରିଥିଲେ। ଲଘୁ ଖଣିଜ କାରବାରରେ ସମ୍ପର୍କକୁ ନେଇ ଏହି ଚଢ଼ାଉ କରାଯାଇଥିବା ଜଣାପଡିଥିଲା। ହାଇଦ୍ରାବାଦର ଠିକାଦାର ମନୋହର ରେଡ୍ଡୀଙ୍କ ସହ ଧର୍ମଶାଳା ଅଞ୍ଚଳର କିଛି ଖଣି ବ୍ୟବସାୟୀଙ୍କ ସମ୍ପର୍କ ରହିଥିଲା। ଯାହାକୁ ଆଧାର କରି ହାଇଦ୍ରାବାଦ ଆୟକର ଟିମ ସହ ଭୁବନେଶ୍ୱର ଆୟକର ବିଭାଗ ଓ ସ୍ପେଶାଲ ଆର୍ମଡ଼ ଫୋର୍ସ ଏହି ଚଢ଼ାଉ କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେବେ ଏହି ଚଢ଼ାଉରେ ଆୟକର ବିଭାଗର ଅଧିକାରୀଙ୍କ ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିଥିବା ସୂଚନା ମିଳିଥିବା ବେଳେ ଏ ସମ୍ପର୍କରେ ବିଭାଗ ପକ୍ଷରୁ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇନାହିଁ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com




# ଓଡ଼ିଶାରେ ମାତୃଶକ୍ତି ଓ ଦୁର୍ଗାପୂଜା ପରମ୍ପରା

ଭାରତୀୟ ସଂସ୍କୃତିରେ ସର୍ବ ପ୍ରଥମେ ବୈଦିକ ଦୁର୍ଗାସୂତ୍ରରେ ସୂକ୍ଷ୍ମଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ । ଏହି ଦୁର୍ଗାସୂତ୍ରର ମନ୍ତ୍ର ପଠନ ଦ୍ୱାରା ସମସ୍ତ ଦୁଃଖ ଦୂରୀଭୂତ ହେବାସହ କୁପ୍ରବୃତ୍ତିର ବିନାଶ ହୋଇଥାଏ । ଉପନିଶଦ ମାନଙ୍କରେ ତୈତ୍ତରୀୟ ଆରଣ୍ୟକର ଯାନ୍ତ୍ରିକ ଉପନିଶଦରେ ପ୍ରଥମେ ଦୁର୍ଗାଙ୍କ ଗାୟତ୍ରୀ ମନ୍ତ୍ର ବିଷୟରେ ସୂଚନା ଦିଆଯାଇଛି । ମହଞ୍ଜୋଦାର ଓ ହର୍‌ପ୍ପାର ପ୍ରତ୍ନତାତ୍ତ୍ୱିକ ଖନନରୁ ମାତୃଶକ୍ତି ଉପାସନା ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ମିଳିଛି । ବହୁ ପ୍ରସ୍ତର ନିର୍ମିତ ନାରୀମୂର୍ତ୍ତି, ଦେବୀ ମୂର୍ତ୍ତି ଓ ଚକ୍ରାକାର ପ୍ରସ୍ତର ସମୂହରୁ ସେ ସମୟରେ ମାତୃଶକ୍ତି ଉପାସନା ସମ୍ପର୍କରେ ବହୁ ତଥ୍ୟର ଆଭାସ ମିଳେ । ସେହି ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ପ୍ରାଚୀନ ଓଡ଼ିଶାର ମୁଖ୍ୟତଃ କଳିଙ୍ଗ, ଉତ୍କଳ ଓ ଉଡ୍ରଦେଶ ପରି ଏହିପରି ତିନିଗୋଟି ଭୂଖଣ୍ଡରେ ବିଭକ୍ତ ଥିଲା । ସାଧାରଣତଃ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଫୁଲବାଣୀ ଓ ସିଂହଭୂମକୁ ଉଡ୍ରଦେଶ ଭାବେ ବୁଝାଯାଉଥିଲା । ଗଞ୍ଜାମ, କୋରାପୁଟ ଓ ତତ୍କାଳୀନ ସୀମାନ୍ତବର୍ତ୍ତୀ ବିଜୟନଗରମ୍ ଇତ୍ୟାଦି ଅ ଳକୁ କଳିଙ୍ଗ କୁହାଯାଉଥିବାବେଳେ ଅବଶିଷ୍ଟ ଅ ଳକୁ ଉତ୍କଳ କୁହାଯାଉଥିଲା । ଶକ୍ତି ସଙ୍ଗମ ତନ୍ତ୍ରରେ କଳିଙ୍ଗ ଓ ଉତ୍କଳର ନାମଲିପିବଦ୍ଧ ।

ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀରୁ ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ଓଡ଼ିଶାରେ ପ୍ରାଚୀନ ଶବରିତନ୍ତ୍ର ଅନୁଯାୟୀ ମାତୃଶକ୍ତି ଉପାସନା ଆରମ୍ଭ ହୋଇଥିଲା । କିମ୍ବଦନ୍ତୀରୁ ଜଣାଯାଏ ଯେ ଏହି ଉଡ୍ରଦେଶରେ ଏହି ପ୍ରାଚୀନ ଶବରୀତନ୍ତ୍ର ମତରେ ଶବର ରାଜା ବିଶ୍ୱାବସୁ ନୀଳମାଧବଙ୍କୁ ପୂଜା କରୁଥିଲେ ଓ ଶବରୀ କନ୍ୟା ଲଳିତା ଥିଲେ ତାଙ୍କ ସହାୟିକା । ଶବରୀତନ୍ତ୍ରରେ ଯେଉଁ ପତ୍ରମାଳିନୀ ବନଦେବୀଙ୍କୁ ପ୍ରାଚୀନ ଉତ୍କଳରେ ଉପାସନା କରାଯାଉଥିଲା ପରବର୍ତ୍ତୀ ପୁରାଣ ଓ ତନ୍ତ୍ର ଯୁଗରେ ସେହି ଦେବୀଙ୍କୁ ବନଦୁର୍ଗାରୂପେ ଉପାସନା କରାଯାଇଥିଲା । ଯାହାପାଇଁ ପ୍ରାଚୀନ ପତ୍ରମାଳିନୀ ଦେବୀଙ୍କ ପରିବର୍ତ୍ତେ ଦ୍ୱିଭୂଜା, ଚର୍ତୁଭୂଜା ଓ ଅଷ୍ଟଭୂଜା ପ୍ରଭୃତି ଦେବୀ ମୂର୍ତ୍ତିଙ୍କର ରୂପ ଓ ଆୟୁଧ କଳ୍ପନା କରାଯାଇଥିଲା । ଏଣୁ ଶବରୀତନ୍ତ୍ରର ବନଦେବୀ ହିଁ ଓଡ଼ିଶାର ପ୍ରାଚୀନ ବନଦୁର୍ଗା ରୂପେ ପ୍ରଥମେ ଆର୍ବିଭୂତା ହୋଇଥିଲେ । ଓଡ଼ିଶାର ପୁରପଲ୍ଲୀରେ ବନଦୁର୍ଗାଙ୍କୁ ପ୍ରସ୍ତର ବା କାଷ୍ଠସ୍ତମ୍ଭରେ ଉପଲବ୍ଧି କରାଯାଇ ସ୍ତମ୍ଭେଶ୍ୱରୀ ରୂପେ ଗ୍ରାମଦେବୀ ଉପାସନା ବହୁଳ ଭାବରେ ପ୍ରଚଳିତ ହୋଇଥିଲା । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ ଯେଉଁ ଦିଅଁ ମଙ୍ଗୁଳା କରାଯାଏ ତାହା ହିଁ ସର୍ବପ୍ରାଚୀନ ଦୁର୍ଗାପୂଜା ବା ଦେବୀପୂଜା ରୂପେ ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଗୃହୀତ ହୋଇଛି । ଗ୍ରାମଦେବୀ ହିଁ ବନଦୁର୍ଗାଙ୍କ ସ୍ୱରୂପରେ ଉପାସିତା । ବୌଦ୍ଧ ସିଧାଚାର୍ଯ୍ୟମାନଙ୍କ ସାହିତ୍ୟରେ ଶବରସିଦ୍ଧାଚାର୍ଯ୍ୟ, ସରହପା ଓ ସରରୀପା ପ୍ରଭୃତି ନାମର ଉଲ୍ଲେଖ ରହିଛି । ସେ ସମୟରେ ବ୍ରାହ୍ମଣ୍ୟତନ୍ତ୍ର ମୁଖ୍ୟତଃ ମାତୃରୂପୀ ଗାୟତ୍ରୀ ଶକ୍ତିଙ୍କର ଆବାହନା କରି ବୈଦିକ ମାର୍ଗରେ ବ୍ରହ୍ମଶକ୍ତିଙ୍କର ଉପାସନା ପାଇଁ ଉଦ୍ଦିଷ୍ଟ ଥିଲା । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ସପ୍ତଶତୀ ଶ୍ରୀଚଣ୍ଡୀ ମହାତ୍ମ୍ୟର ପୃଷ୍ଠଭୂମିରେ ବ୍ରାହ୍ମଣତନ୍ତ୍ରର ସର୍ବପ୍ରାଚୀନ ମହୀଷାମର୍ଦ୍ଦିନୀ ଦୁର୍ଗା ରୂପେ ଯାଜପୁର ଠାରେ ବିରଜାଙ୍କର ଆର୍ବିଭାବ ହୋଇଥିଲା । ଓଡ଼ିଶାରେ ସର୍ବପ୍ରଥମ ଦ୍ୱିଭୂଜା ମହିଷାମର୍ଦ୍ଦିନୀ ଦୁର୍ଗାରୂପେ ବିରଜାଙ୍କୁ ଗ୍ରହଣ କରାଯାଏ ।

ଓଡ଼ିଶାରେ ବ୍ରାହ୍ମଣ୍ୟତନ୍ତ୍ରର ପ୍ରଭାବ ଫଳରେ ଗୁପ୍ତଯୁଗର ଦଶମହାବିଦ୍ୟା ତତ୍ତ୍ୱର ଅନୁକରଣରେ ଦୁର୍ଗାଙ୍କର ଦଶବିଧ ମୌଳିକ ରୂପକୁ ନେଇ ଶାକ୍ତମାନେ କୌଳାଚାର ମତ ପ୍ରବର୍ତ୍ତନ କରିଥିଲେ । ପ୍ରତ୍ୟେକ ମହାବିଦ୍ୟା କେତେକ ନିର୍ଦ୍ଦିଷ୍ଟ ପଦ୍ଧତି, ପୁବନ, ବର୍ଣ୍ଣ, ପଦ, ଶବ୍ଦ, ମନ୍ତ୍ର, ଯନ୍ତ୍ର, ପଟଳ, କବଚ, କୀଳକ, ସ୍ତୋତ୍ର ଓ ହୃଦୟ ମାଧ୍ୟମରେ ଦେବୀଙ୍କୁ ଉପାସନା କରିବା ପାଇଁ ପ୍ରବର୍ତ୍ତିତ ହୋଇଥିଲା । ଏହା କୁଳ କୁଣ୍ଡଳିନୀ ଶକ୍ତି ଜାଗରଣ ପାଇଁ ଏକ ବଳିଷ୍ଠ ମାଧ୍ୟମ ଥିଲା । ନାଦ, ବିନ୍ଦୁ ରୂପେ ଶିବ ଓ ଶକ୍ତିଙ୍କୁ ସାଧନାରେ ଉପଲବ୍ଧି କରି ସିଦ୍ଧି ଲାଭ କରାଯାଇଥାଏ । ସ୍ୱର ଓ ବ୍ୟଞ୍ଜନ ଅକ୍ଷରକୁ ମାତୃକା ରୂପେ ଗ୍ରହଣ କରି ବିଭିନ୍ନ ଚକ୍ରରେ ସେହି ଶକ୍ତିଙ୍କୁ ଜାଗ୍ରତ କରିବା ଦ୍ୱାରା କୁଣ୍ଡଳିନୀ ଶକ୍ତି ପ୍ରକାଶିତ ହୋଇଥାନ୍ତି । ଏହି କୌଳାଚାରପୂଜା ଦ୍ୱାରା ସମଗ୍ର ବିଶ୍ୱକୁ ଶ୍ରୀ ଚକ୍ର ମଧ୍ୟରେ ଅନୁଭବ କରାଯାଏ । ସପ୍ତମ ଶତାବ୍ଦୀ ବେଳକୁ ପ୍ରାଚୀନ ଓଡ଼ିଶାରେ ମାତୃଶକ୍ତି ପରମ୍ପରାର ବ୍ୟାପକତା ବୃଦ୍ଧି ପାଇଥିଲା । ପୌରାଣିକ ଦୁର୍ଗାଙ୍କୁ 'ଶ୍ରୀ ଶ୍ରୀ ଚଣ୍ଡୀ' ପୁରାଣରେ ଯେଉଁ ସବୁ ରୂପ, ମୂର୍ତ୍ତିକଳ୍ପନା ଓ ଆୟୁଧ ସହିତ ବର୍ଣ୍ଣନା କରାଯାଇଥିଲା, ଭୌମକର ରାଜବଂଶର କୀର୍ତ୍ତିଗୁଡ଼ିକରେ ତାହାକୁ ସର୍ବ ପ୍ରଥମେ ବିଭିନ୍ନ ମନ୍ଦିର ମଧ୍ୟରେ ଓ ମନ୍ଦିର ବାହାରେ ଜୀବନ୍ତ ଭାବରେ ରୂପାୟିତ କରାଯାଇଥିଲା । ବାସ୍ତବରେ ତୈତିରୀୟ ଉପନିଷଦରେ ବର୍ଣ୍ଣିତ 'ଦୁର୍ଗୀ' କିମ୍ବା 'ଶ୍ରୀ ଶ୍ରୀ ଚଣ୍ଡୀ'ରେ ବର୍ଣ୍ଣିତ ଚାମୁଣ୍ଡା, ସପ୍ତମାତୃକା, ନବଦୁର୍ଗା କିମ୍ବା ଶବରୀତନ୍ତ୍ରର 'ବନଦୁର୍ଗା'ଙ୍କୁ ଏହି ସପ୍ତମ/ଅଷ୍ଟମ ଶତାବ୍ଦୀରେ ଓଡ଼ିଶାରେ ବିଭିନ୍ନ ଶକ୍ତିପୀଠ, ସହର, ଗ୍ରାମ ପ୍ରଭୃତିରେ ବହୁଳ ଭାବରେ ପ୍ରତିଷ୍ଠା କରାଯାଇଥିଲା । ଅବଶ୍ୟ ସେତେବେଳକୁ ଯାଜପୁରର ବିରଜା ଓ ପୁରୀର ବିମଳା ମୁଖ୍ୟ ଶକ୍ତି ରୂପେ ଉପାସିତା ହୋଇସାରିଥିଲେ । କିନ୍ତୁ ଦୁର୍ଗାପୂଜାର କ୍ରମବିକାଶରେ ଏହି ଭୌମକର ରାଜବଂଶର ଶକ୍ତି ଉପାସକ ରାଜା ଓ କେତେକ ରାଣୀମାନଙ୍କର ଅବଦାନ ଅବିସ୍ମରଣୀୟ ।



## ହାଇୱା-କାର୍ ଧକ୍କା : ଅଳ୍ପକେ ବର୍ତିଲେ କାର୍ ଚାଳକ, ଜଣେ ଗୁରୁତର

ନିମାପଡା, (ପି.ଏନ): ଶୁକ୍ରବାର ମଧ୍ୟାହ୍ନରେ ନିମାପଡା - ପିପିଲି ରାସ୍ତାର ଦଳଭାଣପୁର ଛକ ଠାରେ ଏକ କାର୍ ସହିତ ହାଇୱା ମୁହାଁମୁହିଁ ଧକ୍କା ହେବା ଫଳରେ କାର୍ ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ତେବେ କାର୍ ଚାଳକ ଅଳ୍ପକେ ବର୍ତିଯାଇଥିଲା ବେଳେ କାର୍ ଭିତରେ ଥିବା ଜଣେ ମହିଳା ଗୁରୁତର ହୋଇଥିବା ଜଣାପଡିଛି । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ବଳଙ୍ଗା ପୁଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାଗ୍ରସ୍ତ କାର୍ ଓ ହାଇୱାକୁ ଜବତ କରିବା ସହ ହାଇୱା ଚାଳକକୁ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛି । ସୂଚନା ମୁତାବକ, (ଓଡି ୦୨ ସିଇ ୫ ୨ ୧ ୭) ନମ୍ବର ବିଶିଷ୍ଟ ହାଇୱା ଗୋଡ଼ି ବୋଝେଇ କରି ପିପିଲି ପଟୁ ନିମାପଡା ଅଭିମୁଖେ ଆସୁଥିବା ବେଳେ ନିମାପଡାରୁ ଭୁବନେଶ୍ୱର ଯାଉଥିବା ଓଡି (୩୩ ଏଫ ୭ ୧ ୯ ୯) ନମ୍ବର ବିଶିଷ୍ଟ ଏକ କାରକୁ ସମ୍ମୁଖରୁ ଧକ୍କା ଦେଇଥିଲା । ଫଳରେ କାରଟିର ଡାହାଣ ପାର୍ଶ୍ୱର ଗୋଟିଏ ଚକା ବାହାରି ଯିବା ସହିତ ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା । କାରଟିର ସମ୍ମୁଖ କାଚ ଭାଙ୍ଗି ଆଗରେ ବସିଥିବା ମହିଳାଙ୍କ ମୁହଁରେ ବାଜିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ । ଦୁର୍ଘଟଣା ପରେ ସ୍ଥାନିୟ ଲୋକେ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ପଠାଇ ବଳଙ୍ଗା ପୁଲିସକୁ ସୂଚନା ଦେଇଥିଲେ । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଏନେଇ କୌଣସି ରିପୋର୍ଟ କରାଯାଇନଥିବା ଥାନା ଅଧିକାରୀ କହିଛନ୍ତି ।

## କେନ୍ଦୁଝରରେ ପବ୍ଲିକ ଆକାଉଟଂସ କମିଟିର ଖଣି ଓ ଶିଳ୍ପ ପରିଦର୍ଶନ

କେନ୍ଦୁଝର, (ପି.ଏନ):- ପବ୍ଲିକ ଆକାଉଟଂସ କମିଟି(ପିଏସି) କେନ୍ଦୁଝର ଗସ୍ତେର ଆସିବା ଅବସରେର ଶୁଆକାଟୀ ଖଣି ଅଂଚଳ ଗସ୍ତ କରି ସେ ଅଂଚଳେର ଖଣି ପରିଚାଳନା, ପ୍ରଦୂଷଣ ନିୟନ୍ତ୍ରଣ, ରାଜସ୍ୱ, ପାରିପାର୍ଶ୍ୱିକ ବିକାଶ ଆଦି ଅନୁଧ୍ୟାନ କରିଥିଲେ । ବାଂଶପାଳ ବ୍ଲକ ଶୁଆକାଟୀରେ ରହିଥିବା ଓଡିଶା ଖଣି ନିଗମ ଦ୍ୱାରା ପରିଚାଳିତ ଗନ୍ଧମାର୍ଦ୍ଦନ ଲୌହ ଖଣି ଅଂଚଳ ପରିଦର୍ଶନ ସମୟରେ ଖଣି ନିଗମର ଅଧିକାରୀ ତଥା ସ୍ଥାନୀୟ କ୍ଷତିଗସ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଏବଂ ଖଣି କାର୍ଯ୍ୟର ବ୍ୟାପକ ଅନିୟମିତତା ପାଇଁ ଖଣି ରାଜସ୍ୱ କମୁଛି ବୋଲି ପିଏସି କମିଟି ଅନୁଭବ କରିଥିବା ଅଧକ୍ଷ ମୋହନ ଚରଣ ମାଝୀ ପ୍ରକାଶ କରିଥିଲେ। ଖଣି ପରିଦର୍ଶନ ସମୟରେ ସ୍ଥାନୀୟ ଶ୍ରମିକ କାମ କରୁନଥିବା ବେଳେ ମେସିନ ଦ୍ୱାରା କାମ ହେଉଥିବାରୁ କମିଟି ଉଦ୍‌ବେଗ ପ୍ରକାଶ କରିଥିଲେ । ଖଣିରେ କାମ ମିଳୁନଥିବାରୁ ଲୋକମାନେ ଜଙ୍ଗଲ ଉପରେ ନିଭର୍ରଶୀଳ ହୋଇ କାଠପତ୍ର ବିକ୍ରୀ କରି ଚଳୁଛନ୍ତି। ଫଳରେ ପରିବେଶ ଅଧିକ କ୍ଷତିଗସ୍ତ ହେଉଛି। ଏହି ଟିମ୍ ରେ କମିଟିର ସଦସ୍ୟ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ନିଳଗିରି ବିଧାୟକ ସୁକାନ୍ତ ନାଏକ ପ୍ରମୁଖ ସାମିଲ ଥିଲେ। ଖଣିର ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ ଆଦିବାସୀ ନେତା ଖେଗଶ୍ୱର ପୂର୍ତୀ କମିଟିକୁ ଅଭିଯୋଗ କରିବା ପାଇଁ ଆସିଥିବା ବେଳେ ଖଣି ସପକ୍ଷବାଦୀମାନଙ୍କ ଆକ୍ରମଣର ଶୀକାର ହୋଇଥିଲେ। ସେ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏଭଳି ଘଟଣାକୁ ନେଇ କମିଟି ଉଦ୍‌ବେଗ ପ୍ରକାଶ କରିଥିଲା। କମିଟି ସର୍କିଟ ହାଉସ ଫେରି ମଧ୍ୟାହ୍ନ ଭୋଜନ ସାରି ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବସନ୍ତପୁର ଠାରେ ଥିବା ଏସେଲ ମାଇନିଂ କାରଖାନା ପରିଦର୍ଶନ କରିଥିଲେ। କମିଟି ଯୋଡା ଏବଂ କୋଇଡା ଅଂଚଳର କେତେକ ଖଣି ଓ ଶିଳ୍ପ ଅଂଚଳ ମଧ୍ୟ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। କମିଟିର ଏଭଳି ଗସ୍ତ ଫଳେର କେତେକ ଶିଳ୍ପପତି ଏବଂ ଖଣି ଲିଜ୍‌ଧାରୀ ତରବରିଆ ପ୍ରସ୍ତୁତି କରିଥିବା ବେଳେ କେତେକ ଚିନ୍ତାରେ ପଡିଛନ୍ତି। କମିଟିର ଗସ୍ତ ସମୟରେ ସଦର ଉପ ଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ଇଂ. ପ୍ରଶାନ୍ତ କର, ଉପ ପରିବେଶ ଯନ୍ତ୍ରୀ ଇଂ. ନିବେଦିତା ଦାସ ବେବର୍ତା, କେନ୍ଦୁଝର ଖଣି ମଣ୍ଡଳ ଖଣି ଉପ ନର୍ଦ୍ଦେଶକ ବିଷ୍ଣୁପଦ ରାଉତ, ବାଂଶପାଳ ତହସିଲଦାର କୌଶିକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ -୨୦୨୩ ଅନୁଷ୍ଠିତ

ଗଞ୍ଜାମ, (ପି.ଏନ): ଛତ୍ରପୁର ସ୍ଥିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ ଲୀନା କୁମାରୀ ଖେସ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦଘାଟନ କରି ନିଜ ବକ୍ତବ୍ୟରେ ଶିଶୁମାନଙ୍କ ଭିତରେ ରହିଥିବା ପ୍ରତିଭାକୁ ବିକଶିତ କରିବା ଦିଗରେ ଶିଶୁ ମହୋତ୍ସବ ଏକ ସୁନ୍ଦର ପ୍ରୟାସ, ଶିଶୁଗଣ ପ୍ରତିଯୋଗିତା ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ ବେଳେ ଯଦି ପୁରସ୍କାର ପାଆନ୍ତି ନାହିଁ ତେବେ ନିରୁତ୍ସାହିତ ନ ହୋଇ ପରବର୍ତୀ ପର୍ଯ୍ୟାୟରେ କିଭଳି ପୁରସ୍କାର ପାଇବେ ସେଥି ସକାଶେ ପ୍ରୟାସ କରିବାକୁ ପ୍ରବର୍ତାଇଥିଲେ । ଅନ୍ୟତମ ଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଯୋଗଦାନ କରି ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ପ୍ରତ୍ୟକ ମଣିଷଙ୍କ ପାଖରେ କିଛି ନା କିଛି ପ୍ରତିଭା ଭରିଛି । ସେହି ପ୍ରତିଭା ଗୁଡିକ ପ୍ରଦର୍ଶନ ମାଧ୍ୟମରେ ବିକଶିତ ହୋଇପାରିବ । ଛୋଟବେଳୁ ସେମାନଙ୍କ ମଧ୍ୟରେ ରହିଥିବା ପ୍ରତିଭା ପ୍ରଦର୍ଶନ ହୋଇପାରିଲେ ସେହି ଗୁଣକୁ ନେଇ ସମାଜର ମଙ୍ଗଳ ଦିଗରେ ନିଜକୁ ବିନିଯୋଗ କରିପାରିବେ । ଶାରୀରିକ ମାନସିକ ଓ ବୌଦ୍ଧିକ ବିକାଶ ପ୍ରତ୍ୟକ ଶିଶୁଙ୍କର ଆବଶ୍ୟକତା ରହିଛି ବୋଲି ମତ ପୋଷଣ କରିଥିଲେ। ଶିଶୁମଙ୍ଗଳ କମିଟିର ଅଧକ୍ଷ ପ୍ରମୋଦ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ପ୍ରତିଭା ପ୍ରଦର୍ଶନ ଦ୍ୱାରା ପ୍ରତିଭା ବିକଶିତ ହେବ ବୋଲି ଜଣାଇଥିଲେ । ଶିଶୁମଙ୍ଗଳ କମିଟିର ସଭ୍ୟ ପ୍ରଣବ ପାଢୀ ଜୁଭିନାଲ ଜଷ୍ଟିସ ବୋର୍ଡର ସଭ୍ୟା ଡ଼ା. ଅଳକା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ ।ଏଠାରେ ପ୍ରକାଶ ଥାଉକି, ଏହି ଶିଶୁ ମହୋତ୍ସବରେ ସଙ୍ଗୀତ, ବକ୍ତୃତା, କୁଇଜ, ଦଳଗତ ନୃତ୍ୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁଗଣ ରାଜ୍ୟ ସ୍ତରୀୟ ମହକ- ୨୦୨୩ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଧରାକୋଟ ବାଲିକେଶ୍ୱର ଅନାଥ ଆଶ୍ରମ, ଗୋପାଳପୁର ସ୍ଥିତ ଶ୍ରଦ୍ଧା ସଂଜୀବନୀ ଶିଶୁ ସୁରକ୍ଷା ଅନୁଷ୍ଠାନ ଚିକିଟି ସ୍ଥିତ ଡିଭାଇନ ଲାଇଫ ସୋସାଇଟି ଏବଂ ବ୍ରହ୍ମପୁରସ୍ଥ ଉତ୍କଳ ବାଳାଶ୍ରମର ଛାତ୍ରଛାତ୍ରୀ ଗଣ ଏହି ଶିଶୁ ମହୋତ୍ସବରେ ଯୋଗଦାନ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତା ଶେଷ ହେବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ଶରତ ଚନ୍ଦ୍ର ମହାରଣା, ସୁଶାନ୍ତ କୁମାର ସାହୁ, ସୁଦାମ ପାଣିଗ୍ରାହୀ, ଶିବପ୍ରସାଦ ରଥ, ସୁଜିତ କୁମାର ସାହୁ, କାମେଶ୍ୱର ପରିଡା ପ୍ରମୁଖ ପରିଚାଳନା କରିଥିଲେ।

## ସମଲେଇ ଅଗରବତୀ ଉତ୍ପାଦନ କେନ୍ଦ୍ର'' ଉଦଘାଟିତ

ସମ୍ବଲପୁର, (ପି.ଏନ): ସମ୍ବଲପୁର ଜିଲ୍ଲା ପ୍ରଶାସନ ଅତ୍ୟନ୍ତ ଆନନ୍ଦ ଏବଂ ଗର୍ବର ସହିତ ଆଜି ଜିଲ୍ଲା ସ୍ୱଧାର ଗୃହ ଠାରେ ସମ୍ମାନିତ ମୁଖ୍ୟ ଅତିଥି, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଆଇଏଏସ୍ ଅସିତ ତ୍ରିପାଠୀଙ୍କ କରକମଳରେ ''ସମଲେଇ ଅଗରବତୀ ଉତ୍ପାଦନ କେନ୍ଦ୍ର''ର ଶୁଭ ଉଦଘାଟନ ହୋଇଯାଇଛି । ମିଶନ ଶକ୍ତି ଦ୍ୱାରା କ୍ଷମତାପନ୍ନ ଏହି ପଦକ୍ଷେପ, ଦୁର୍ଭାଗ୍ୟଜନକ ପରିସ୍ଥିତିର ଶିକାର ହୋଇଥିବା ତଥା ଜୀବନର ଅନ୍ଧକାର ପର୍ଯ୍ୟାୟରୁ ଆଗକୁ ବଢିବା ପାଇଁ ଅନୁଷ୍ଠାନିକ ସହାୟତା ଆବଶ୍ୟକ କରୁଥିବା ମହିଳାଙ୍କୁ ସଶକ୍ତ କରାଇ ମାନବିକତା ଉପରେ ସେମାନଙ୍କ ବିଶ୍ୱାସକୁ ଫେରାଇ ଆଣିବା ସହିତ ସେମାନଙ୍କୁ ଏକ ସମ୍ମାନଜନକ ଜୀବନଯାପନ କରିବାର ସୁଯୋଗ ଦେବା ପାଇଁ ପ୍ରତିଜ୍ଞାବଦ୍ଧ । ଏହା ସେମାନଙ୍କୁ ଖାଦ୍ୟ, ଆଶ୍ରୟ, ପୋଷାକ ଭଳି ମୌଳିକ ସୁବିଧା ଯୋଗାଇ ଦେବା ସହ ସେମାନଙ୍କୁ ଅର୍ଥନୈତିକ ଏବଂ ସାମାଜିକ ନିରାପତ୍ତାର ଏକ ଭାବନା ଯୋଗାଇବ । ମନ୍ଦିରରେ ଲାଗି ହୋଇଥିବା ବାସି ଫୁଲର ପ୍ରକ୍ରିୟାକରଣରୁ ଉତ୍ପାଦିତ ଏହି ''ସମଲେଇ ଅଗରବତୀ'' ବାସ୍ତବରେ ଅନନ୍ୟ । ଅନେକ କ୍ଷେତ୍ରରେ ବାସି ଫୁଲକୁ ବର୍ଜ୍ୟବସ୍ତୁ ଭାବେ ରାସ୍ତା କଡରେ ବା ଗଳି ମାନଙ୍କରେ ବଡ଼ ବଡ଼ ଗଦାରେ ଛାଡି ଦିଆଯାଇଥାଏ, ଯାହାକି ଅତିରିକ୍ତ ଅଙ୍ଗାରକାମ୍ଳ ନିର୍ଗମନ କରିବା ସହିତ ଅନ୍ୟାନ୍ୟ ପ୍ରକାରର ବାୟୁ ଏବଂ ମୃତିକା ପ୍ରଦୂଷଣ ଭଳି ସମସ୍ୟା ସୃଷ୍ଟି କରିଥାଏ । ଏହି ଅନନ୍ୟ ଉତ୍ପାଦନ ପ୍ରକ୍ରିୟାରେ ''ମା ସମଲେଶ୍ୱରୀ ମନ୍ଦିର''ରୁ ବାହାରୁଥିବା ବାସି ଫୁଲର ବ୍ୟବହାର କରି ଏହି ଉତ୍ପାଦକ ୟୁନିଟ୍ ସେହି ସମସ୍ୟାର ସମ୍ପୂର୍ଣ୍ଣ ରୂପେ ସମାଧାନ କରିବ ।ଏହି ଅଗରବତୀ ଉତ୍ପାଦକ ୟୁନିଟ ଦୈନିକ ୩୦୦ କିଲୋଗ୍ରାମ ବର୍ଜ୍ୟ ପୁଷ୍ପର ପ୍ରକ୍ରିୟାକରଣ କରିବାରେ ସକ୍ଷମ । ୟୁନିଟରେ ପଲଭରାଇଜର, ମିଶ୍ରଣ, ଗ୍ରାଇଣ୍ଡିଂ, ଧୂପ ଏବଂ ଅଗରବତୀ ମେସିନ୍, ପ୍ୟାକେଜିଂ ଇତ୍ୟାଦି ପାଇଁ ବିଭିନ୍ନ ମେସିନ ଅଛି । ଏହି କେନ୍ଦ୍ରରେ କାର୍ଯ୍ୟରତ ମହିଳାମାନେ ସମସ୍ତ ଆବଶ୍ୟକୀୟ କ୍ଷେତ୍ରରେ ପ୍ରଶିକ୍ଷଣ ଗ୍ରହଣ କରିସାରିଛନ୍ତି, ଯାହାକି ସେମାନଙ୍କୁ କୌଶଳୀ କରିବା ସହ କୌଣସି ଅସୁବିଧାର ସାମ୍ନା ନ କରି ଜୀବିକା ନିର୍ବାହ ପାଇଁ ମଧ୍ୟ ଏକ ଉପଯୁକ୍ତ ସୁଯୋଗ ପ୍ରଦାନ କରିଛି ।ଏହି ପଦକ୍ଷେପ ପାଇଁ ସମ୍ବଲପୁର ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଆର୍ଥିକ ଅନୁଦାନ ପ୍ରଦାନ କରିଛି ଏବଂ ସମ୍ବଲପୁର ମ୍ୟୁନିସିପାଲିଟି କର୍ପୋରେସନ୍ ଦ୍ୱାରା ଏହାକୁ କାର୍ଯ୍ୟକାରୀ କରାଯାଇଛି ।

## ତମାଖୁ ନିରୋଧ ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ, (ପି.ଏନ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଏବଂ ବ୍ରହ୍ମପୁର ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ତମାଖୁ ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ତମାଖୁ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ତମାଖୁ ବର୍ଜନ ସହ ଏକ ତମାଖୁ ମୁକ୍ତ ପରିବେଶ ସୃଷ୍ଟି କରିବା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ତାଙ୍କ ବକ୍ତବ୍ୟରେ କହିଥିଲେ ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛାତି ରୋଗ ବିଶେଷଜ୍ଞ ପ୍ରଫେସର ନାରାୟଣ ମିଶ୍ର ଯୋଗଦେଇ ତମାଖୁ ସେବନର କୁ-ପ୍ରଭାବ ଓ ଏହାଦ୍ୱାରା ସୃଷ୍ଟି ହୋଇଥିବା ବିଭିନ୍ନ ରୋଗର ଲକ୍ଷଣ ଉପରେ ଆଲୋକପାତ କରିଥିଲେ । ତମାଖୁସେବନରୁ ସମସ୍ତେ ନିଜକୁ ଦୂରେଇ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ସହ ଏକ ସୁସ୍ଥ ଓ ନିରାମୟ ଜୀବନ ପାଇଁ ତମାଖୁମୁକ୍ତ ପରିବେଶ ଗଠନ କରିବାକୁ ପରାମର୍ଶ ଦେଇଥିଲେ ।

MAHARISHI PUBLIC SCHOOL
2023-2024

ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Sunday October 22, 2023 ଭୁବନେଶ୍ୱର ରବିବାର, ଅକ୍ଟୋବର ୨୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କୁକୁଡ଼ାଖଣ୍ଡି ଗ୍ରାମରେ ଚାଲିଥିବା ନବରାତ୍ର ପୂଜାରେ ଜନପ୍ରିୟ ନେତା ତଥା ସାନଖେମୁଣ୍ଡି ବିଧାୟକଙ୍କ ଯୋଗଦାନ

କୁକୁଡ଼ାଖଣ୍ଡି,ଇପିଲି ପୂର୍ଣ୍ଣଚନ୍ଦ୍ର.(ପି.ଏନ) :ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅରନ୍ତଗତ କୁକୁଡ଼ାଖଣ୍ଡି ବ୍ଲକ ର କୁକୁଡ଼ାଖଣ୍ଡି ଗ୍ରାମ ରେ ଥିବା ମାଁ ଦଣ୍ଡକାଳୀ ମନ୍ଦିର ଓ ମାଁ ଘୋଷାମଣୀ ଠାକୁରାଣୀ ମନ୍ଦିର ରେ ଚାଲିଥିବା ନବରାତ୍ର ପୂଜା ରେ ଯୋଗଦାନ କରି ଦୀପ ଦାନ କରିବା ସହ ମାଁ ଙ୍କ ଆଶିର୍ବାଦ ଗ୍ରହଣ କରିଲେ ମାନ୍ୟବର ସାନଖେମୁଣ୍ଡି ବିଧାୟକ ତଥା ଗଞ୍ଜାମ



ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ରମେଶ ଚ଼ନ୍ଦ୍ର ଜେନ ଙ୍କ ସହ କୁକୁଡ଼ାଖଣ୍ଡି ବ୍ଲକ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ପି. ଶିବପ୍ରସାଦ ଦୋରା ଓ କୁକୁଡ଼ାଖଣ୍ଡି ଗ୍ରାମ ପଞ୍ଚାୟତ ର ପୂର୍ବତନ ସରପଂଚ଼ ଅଦଲ ଭରତ ଓ କୁକୁଡ଼ାଖଣ୍ଡି ଗ୍ରାମ ର କିଛି ଜନସାଧାରଣ ଯୋଗଦାନ ଦାନ କରିଥିଲେ। କାର୍ଯ୍ୟକ୍ରମ କୁ ସଫଳତା କରିଥିଲେ।

# ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ କେନ୍ଦ୍ରାପଡାରୁ ୨୫ଜଣ ବୃଦ୍ଧାଙ୍କ ଶ୍ରୀକ୍ଷେତ୍ର ଯାତ୍ରା



କେନ୍ଦ୍ରାପଡ଼ା, (ପିଏନ) : କେନ୍ଦ୍ରାପଡା ପୌରା ଳ ଅନ୍ତର୍ଗତ ଜଇପୁରା ଗ୍ରାମରୁ ୨୫ଜଣ ବୃଦ୍ଧା ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଯାତ୍ରା କରିଛନ୍ତି। ସମାଜସେବୀ ଲୋକନାଥ ଦାସ ଏହି ବୃଦ୍ଧାମାନଙ୍କୁ ନିଜ ଖର୍ଚ୍ଚରେ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରାଇବାକୁ ନେଇଛନ୍ତି । ଏସମ୍ପର୍କରେ ଶ୍ରୀଜୀଉଙ୍କ ଦଶନାର୍ଥୀ ବୃଦ୍ଧା ସୋମାଳିକା କହିଛନ୍ତି ଯେ ବହୁ ଦିନରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଉଚ୍ଛା ଥିଲା । ପରିବାରର ଜଞ୍ଜାଳ ଯୋଗୁଁ ଇଚ୍ଛା ଥିଲେବି ଶ୍ରୀଜଗନ୍ନାଥଙ୍କ ଦିବ୍ୟଦର୍ଶନରୁ ସେ ବ ିତ ହୋଇ ରହିଥିଲେ । ଲୋକନାଥଙ୍କ ଉଦ୍ୟମରେ ତାଙ୍କର ଏହି ଇଛା ପୁରଣ ହେବା ସହ ତୀର୍ଥ ଭ୍ରମଣ ତାଙ୍କୁ ଖୁସି ଦେଇଛି ବୋଲି ବୃଦ୍ଧା ସୋମାଳିକା କହିଛନ୍ତି।

# ୟୁନିଅନ କର୍ମକର୍ତ୍ତାଙ୍କ ନାଁରେ ମିଥ୍ୟା ମାମଲା ପ୍ରତିବାଦରେ ଏଚ଼ପିସିଏଲ ବିରୁଦ୍ଧରେ ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ ପାଇଁ ପ୍ରସ୍ତୁତି

ପାରାଦୀପ,(ପି.ଏନ): ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ଼ (ଏଚ଼ପିସିଏଲ) ପାରାଦୀପ ଟର୍ମୀନାଲ ରେ ନିୟୋଜିତ ଟ୍ୟାଙ୍କଲର ଗାଡି ଚ଼ଳାଉଥିବା ସମସ୍ତ ଡ୍ରାଇଭର ଓ ହେଲପର ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଙ୍ଘ ର ସଦସ୍ୟ ଅଟନ୍ତି କ୍ଷ ଡ୍ରାଇଭର ଓ ହେଲପର ଙ୍କର ବିଭିନ୍ନ ସମସ୍ୟା ନେଇ ଗତ ୨୭ ତାରିଖ ରେ ସଙ୍ଘ ପକ୍ଷରୁ ୯ ଦଫା ଦାବୀ ଦିଆଯାଇଥିଲା କ୍ଷ ତେବେ ଅକ୍ଟୋବର ୨୦ ତାରିଖ ଶୁକ୍ରବାର ଦିନ ଏ ସମସ୍ୟା ବାବଦରେ ସଂଘର କର୍ମକର୍ତ୍ତା ଟର୍ମୀନାଲ ମ୍ୟାନେଜର ଙ୍କୁ ସାକ୍ଷାତ କରିବା ପାଇଁ



ଯାଇଥିବା ବେଳେ ମ୍ୟାନେଜର ସଙ୍ଘ ନେତାମାନଙ୍କୁ ଦେଖା ନକରି ଓଲଟା ସଙ୍ଘ କର୍ମକର୍ତ୍ତା। ଶ୍ୟାମସୁନ୍ଦର ହାଲଦାର ଙ୍କ ନାମରେ ଥାନାରେ ମିଥ୍ୟା ମାମଲା ଦେଇଥିଲେ କ୍ଷ ଏଥିରେ ଉତକ୍ଷିପ୍ତ ହୋଇ ସମସ୍ତ ଡ୍ରାଇଭର, ହେଲପର ଓ ସଙ୍ଘ କମ୍ପାନୀ କତୃପକ୍ଷ ଦୁଇଦିନ ଭିତରେ ମିଥ୍ୟା ମାମଲା ପ୍ରତ୍ୟାହାର ଓ ଦାବୀ ଗୁଡିକର ସମାଧାନ ନକରନ୍ତି, ତେବେ ସୋମବାର ଦିନ ସମସ୍ତ ଡ୍ରାଇଭର ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ କରିବେ ବୋଲି ସଙ୍ଘ ତରଫରୁ ଚେତାବନୀ ଦିଆଯାଇଛି ।

# ଦୁର୍ଗା ବାହିନୀର ୩୩ତମ ପ୍ରତିଷ୍ଠା ଦିବସ ସହ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ କନ୍ୟା ପୂଜନ କାର୍ଯ୍ୟକ୍ରମ ସମ୍ପନ୍ନ

ଭୁବନେଶ୍ୱର,(ପି.ଏନ): ବିଶ୍ୱ ହିନ୍ଦୁ ପରିଷଦର ମାତୃଶକ୍ତି ବିଭାଗ ରୂପେ ପରିଚ଼ିତ ଦୁର୍ଗା ବାହିନୀର ୩୩ତମ ସ୍ଥାପନା ଦିବସ ଆଜି ଭୁବନେଶ୍ୱର ମହାନଗର ପକ୍ଷରୁମହାସମାରୋହରେ ପାଳିତ ହୋଇଯାଇଛି । ଏହା ସହିତ ପରିଷଦ ପକ୍ଷରୁ ଶାରଦୀୟ ଦୁର୍ଗାପୂଜାନବରାତ୍ରୀ ଉପଲକ୍ଷେ କନ୍ୟା ପୂଜନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି ।କାର୍ଯ୍ୟକର୍ତ୍ତାମାନଙ୍କ ଉପସ୍ଥିତି ମଧ୍ୟରେ ଦୀପ ପ୍ରଜ୍ୱଳନ ସହ ମା ,ଦୁର୍ଗାଙ୍କରପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଦୁର୍ଗା ବାହିନୀର ଅଖିଳଭାରତୀୟ ସଂଯୋଜିକା ସୁଶ୍ରୀ ପ୍ରଜ୍ଞା ପାରମିତା ମାହାଲା ସନାତନ ସଂସ୍କୃତିର ସୁରକ୍ଷା ପାଇଁ ମାତୃଶକ୍ତି ଦାୟିତ୍ୱବାନ୍ ହେବା ସହ ଆମର ପରିବାରଗୁଡ଼ିକ ସଂସ୍କୃତି ସଂପନ୍ନ ହେବା ଆବଶ୍ୟକ ବୋଲି କହିଥିଲେ । ବିଶେଷ ଭାବରେ ଆଜି ଦିନରେ ହିନ୍ଦୁ ଯୌଥ ପରିବାର ସଂରଚ଼ନା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ନାରୀ ଅବଳା ନୁହେଁ ସେ ମାଆ ଦୁର୍ଗା କାଳୀଙ୍କ ପରି ସମର୍ଥା ଏବଂ ସଂସାରରେ ଥିବା ଅନ୍ୟାୟ



ଅତ୍ୟାଚ଼ାର ରୂପୀ ମହିଷାସୁମାନଙ୍କୁ ବଧ କରିବାରେ ନିପୂଣା ବୋଲି କହିଥିଲେ । ଆଜିର ମହିଳା ମାନଙ୍କୁ ସେ ମାଆ ଦୁର୍ଗାଙ୍କ ଭଳି ସନାତନ ସଂସ୍କୃତିର ସୁରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ସହ ଅବତୀର୍ଣ୍ଣା ହେବା ପାଇଁ ଆହ୍ୱାନ କରିଥିଲେ । ଦୁର୍ଗା ବାହିନୀର କ୍ଷେତ୍ର ସଂଯୋଜିକା ଶ୍ରୀମତୀ ଝରଣା ଜେନା ଦୁର୍ଗା ବାହିନୀ ଗଠନର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଗାଁ ଗାଁରେ ପ୍ରତି ଘରେ ପହଞ୍ଚି ଆମର ମାତୃଶକ୍ତିଙ୍କୁ ଦେଶର ସଂସ୍କୃତି ପ୍ରତି ଜାଗୃତି ଆଣିବାର ଦାୟୀତ୍ୱ ଆମେ ସମସ୍ତେ ନେବା ପାଇଁ ଆଗ୍ରହ କରିଥିଲେ । ଆଗାମୀ ଦିନରେ ଆମ ସଂସ୍କୃତିର ଭବିଷ୍ୟତ କନ୍ୟାମାନଙ୍କ ପୂଜନ କାର୍ଯ୍ୟକ୍ରମ ସମ୍ପନ୍ନ ହେବା ପରେ ଜିଲ୍ଲା ସଂଯୋଜିକା ଲୋପାମୁଦ୍ରା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମାତୃଶକ୍ତି ସଂଯୋଜିକା ଶ୍ରୀମତୀ ମାଳତୀ ମହାପାତ୍ର କାର୍ଯ୍ୟକ୍ରମ ପରିଚ଼ାଳନା ଦାୟିତ୍ୱ ନିର୍ବାହ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ, ଭୁବନେଶ୍ୱରର ଜିଲ୍ଲା ସଭାପତି ଶ୍ରୀ ଯୁକ୍ତ ଲକ୍ଷ୍ମୀ ନାରାୟଣ ରଥ, କାର୍ଯ୍ୟକାରୀ ସଭପତି ଶ୍ରୀଯୁକ୍ତ ପଦିପ କୁମାରମହାନ୍ତି , ସମ୍ପାଦକ ଶୁଭ୍ରାଂଶୁ ଶେଖର ଶତପଥୀ,ବରୁଣ ପ୍ରଧାନ, ହରପ୍ରସାଦ ମିଶ୍ରଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

# ଭିସିଅ୍ କେମିକାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ଜନଶୁଣାଣିକୁ ବିରୋଧ ଜନଶୁଣାଣି ଠପ୍

ଦାନଗଦି (ପି ଏନ୍ ) :-ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବିଭିନ୍ନ କାରଖାନା କ୍ଷ ଏହି ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସରକାରୀ ନିୟମ ଅନୁସାରେ ସର୍ବସାଧାରଣଙ୍କ ଅନୁମତି ନିମନ୍ତେ ଏକ ଜନଶୁଣାଣି ହୋଇଥାଏ କ୍ଷ କିନ୍ତୁ ବିଡ଼ମ୍ବନା ର ଘଟଣା ଜନସାଧାରଣ ଏହି କେମିକାଲ ପ୍ଲାଣ୍ଟ କୁ ଘୋର ବିରୋଧ କରିଥିଲେ କ୍ଷ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ପୂର୍ବରୁ ଗଢ଼ିଉଠିଥିବା ଶିଳ୍ପ ସଂସ୍ଥା ଗୁଡିକ ଜନସାଧାରଣଙ୍କ ସହଯୋଗ ରେ ଶିଳ୍ପ ପ୍ରତିଷ୍ଠା କରିବା ପରେ ଜନସାଧାରଣଙ୍କ ମୌଳିକ ଅଧିକାର କୁ କ୍ଷୁର୍ଣ୍ଣ କରିବାକୁ ପଛାନ୍ତି ନାହିଁ କ୍ଷ କଳିଙ୍ଗନଗର ର ସଚେତନ ନାଗରିକ ଏହାର ସଠିକ୍ ଜାବାବ ଦେଇଛନ୍ତି କ୍ଷ ତେଣୁ ଦାନଗଦି ଭବନ ଠାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ହେଉଥିବା ଜନଶୁଣାଣି କୁ ସ୍ଥାନୀୟ ଲୋକେ ବିରୋଧ କରି ବନ୍ଦ କରିଦେଲେ କ୍ଷ ଜନଶୁଣାଣି ରେ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀ କଳିଙ୍ଗନଗର ଅତିତିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ମିଶ୍ର ଓ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଅଧିକାରୀ ପ୍ରମୋଦ କୁମାର ବେହେରା ଏହି ପରିବେଶ ମଞ୍ଜୁରୀ କାର୍ଯ୍ୟକ୍ରମ କୁ ବନ୍ଦ କରାଯିବା ପାଇଁ ପଦକ୍ଷେପ ନେଇଥିଲେ ।

# ପିସିସି ସଭାପତି ଶରତ ପଟ୍ଟନାୟକ ଙ୍କ ମଙ୍ଗଳା ମନ୍ଦିର ଗ୍ରସ୍ତ



କାକଟପୁର ତା ୨୧/୧୦, ଶନିବାର ଦିନ ପିସିସି କାକଟପୁର,(ପି.ଏନ): ସଭାପତି ଶରତ ପଟ୍ଟନାୟକ କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ମନ୍ଦିର ପରିଦର୍ଶନ କରି ମା ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ କ୍ଷ ତାଙ୍କ ସହିତ ସତ୍ୟବାଦୀର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରସାଦ ହରିଚ଼ନ୍ଦନ, ପୁରୀଜିଲ୍ଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ନିରୁପମା ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ, ବିପିନ ବିହାରୀ ମହାନ୍ତି, ଯୁବ ନେତା ବିଶ୍ୱଭୂଷଣ ଦାସ, କାକଟପୁର ପଞ୍ଚାୟତ ସଭାପତି ନଳିନୀକାନ୍ତ ଦୀକ୍ଷିତ ପ୍ରମୁଖ ଶ୍ରୀ ପଟ୍ଟନାୟକ ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଆଗାମୀ ସାଧାରଣ ନିର୍ବାଚ଼ନରେ କଂଗ୍ରେସ ସୁଫଳ ପାଇବ ବୋଲି ସେ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଥିଲେ ।

# ସ୍ୱିସ୍ ମିଲିଟାରୀର ନୂଆ ଦିପାବଳୀ ଉପହାରରେ

ଭୁବନେଶ୍ୱର,(ପି.ଏନ): ଏକ ଆନ୍ତର୍ଜାତୀୟ ପ୍ରତିଷ୍ଠିତ ବ୍ରାଣ୍ଡ ସ୍ୱିସ୍ ମିଲିଟାରୀ ପକ୍ଷରୁ ଭାରତରେ ପାର୍ବଣ ଋତୁ ପାଇଁ ଘରୋଇ ଇଲେକ୍ଟ୍ରୋନିକ୍ସ ଓ ଆପ୍ଲାଏନ୍ସଗୁଡ଼ିକର ଏକ ନୂଆ ଦିୱାଲୀ ଗିଫ୍ଟିଙ୍ଗ୍ ରେ୍ ଉନ୍ମୋଚନ କରାଯାଇଛି। ଗତବର୍ଷ ଭାରତର ପାର୍ବଣ ଋତୁ ବଜାରର ପ୍ରାୟ ୪୦,୦୦୦ କୋଟି ଟଙ୍କାର ବର୍ଦ୍ଧିତ ମୂଲ୍ୟାୟନକୁ ଚିହ୍ନଟ କରି ଏବଂ ଏହି ସମୟରେ ବର୍ଦ୍ଧିତ ଉପଭୋକ୍ତା ଚାହିଦା ଓ ଖର୍ଚ୍ଚ ଶକ୍ତିକୁ ଦୃଷ୍ଟିରେ ରଖି ସ୍ୱିସ୍ ମିଲିଟାରୀ ଗର୍ବର ସହ ଏହାର ପ୍ରିମିୟମ ହାଉସହୋଲ୍ଡ ଇଲେକ୍ଟ୍ରୋନିକ୍ସ ଓ ଆପ୍ଲାଏନ୍ସ ରେର ବଜାର ପ୍ରବେଶ କରାଇଛି। ଲୋକଙ୍କ ଦୈନନ୍ଦିନ ଅନୁଭୂତିକୁ ଉନ୍ନତ କରିବା ପାଇଁ ଚି଼ାଶୀଳ ଭାବେ ନିର୍ମିତ ଏହି ବିବିଧ କଲେକ୍ସନରେ ଷ୍ଟ୍ରେ ସହିତ ଭାପୋରଲାଇଟ୍ ୨୦୦୦-ୱାଟ୍ ଷ୍ଟିମ୍ ଆଇରନ ଭଳି ଘରୋଇ ସାମଗ୍ରୀ ଏବଂ ନେବୁଲା ମିକ୍ସର ଗ୍ରାଇଣ୍ଡର ଓ ଟ୍ୱିଷ୍ଟୋ ୫-ସ୍ପିଡ୍ କଂଟ୍ରୋଲ ହ୍ୱାଇଟ୍ ହ୍ୟାଣ୍ଡ ମିକ୍ସର ଭଳି ଅଭିନବ କିଚେନ ଗ୍ୟାଜେଟ୍ ଆଦି ସାମିଲ ରହିଛି। ଏହାଛଡା ଏଥିରେ କ୍ଲବ୍ କ୍ଲାସ୍ ସ୍ୟାଣ୍ଡୱିଚ୍ ମେକର୍ ଓ ଆଲ୍‌ପିନୋ ମିକ୍ସର ଗ୍ରାଇଣ୍ଡର ଜୁସର ମଧ ସାମିଲ ରହିଛି। ୱାଭି ଫିନ୍‌ସ ସହିତ ହିଟ୍‌ମ୍ୟାକ୍ସ ଅଏଲ୍ ଫିଲ୍ଡ ହିଟର୍ ଆପଣଙ୍କ ସ୍ଥାନ ପାଇଁ ଦକ୍ଷ ଓ ଆରାମଦାୟକ ହିଟିଙ୍ଗ୍ ପ୍ରଦାନ କରିଥାଏ। ଏହି ଆପ୍ଲାଏନ୍ସଗୁଡିକୁ ଏକ ସୁସ୍ଥ ଓ ଅଧିକ ଉପଭୋଗ୍ୟ ବାସସ୍ଥାନ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ନୂତନ ରେ ସମ୍ପର୍କରେ ସ୍ୱିସ୍ ମିଲିଟାରୀର ପରିଚାଳନା ନିର୍ଦ୍ଦେଶକ ଅନୁଜ ସାହଣେ କହିଛନ୍ତି, 'ଉଚ୍ଚମାନର ଘରୋଇ ଇଲେକ୍ଟ୍ରୋନିକ୍ସ ଓ ଆପ୍ଲାଏନ୍ସଗୁଡିକ ସହିତ ଦୈନନ୍ଦିନ ଜୀବନକୁ ଉନ୍ନତ କରିବା ଲାଗି ଆମର ପ୍ରତିବଦ୍ଧତା ଆମକୁ ଏଭଳି ଏକ ରେ ପ୍ରସ୍ତୁତ କରିବାକୁ ପ୍ରୋତ୍ସାହିତ କରିଥିଲା ଯାହା ସୁବିଧା ସହିତ ଜୀବନର ଆନନ୍ଦକୁ ବୃଦ୍ଧି କରିଥାଏ। ଆମେ ପାର୍ବଣ ଋତୁରେ ପ୍ରବେଶ କରିଥିବାରୁ ଆମ ଗ୍ରାହକଙ୍କ ସହ ଏହି ଚି଼ାଶୀଳ ଉଦ୍ଭାବନଗୁଡିକୁ ସେୟାର କରି ଆମେ ଉତ୍ସାହିତ ରହିଛୁ। ସ୍ୱିସ୍ ମିଲିଟାରୀ ଆପଣଙ୍କୁ ପରିବାର ଓ ବନ୍ଧୁମାନଙ୍କ ଭଲପାଇବା ସହିତ ଏକ ଉଜ୍ଜ୍ୱଳ ଓ ସମୃଦ୍ଧ ଦୀପାବଳିର ଶୁଭେଚ୍ଛା ଜଣାଉଛି।' ଅଧିକ ସୂଚନା ଏବଂ ଆମର ଏକ୍ସକ୍ଲୁସିଭ୍ ଦିପାବଳୀ କଲେକ୍ସନକୁ ଅନ୍ୱେଷଣ କରିବା ପାଇଁ ଭୁବନେଶ୍ୱରର ରସୁଲଗଡସ୍ଥିତ ପ୍ଲଟ୍ ନମ୍ବର. ୨୨୨ରେ ଥିବା ଆମର ଷ୍ଟୋର୍ ପରିଦର୍ଶନ କରନ୍ତୁ।

# ପୂର୍ଣ୍ଣ ଚନ୍ଦ୍ର ରଥ ଜଣେ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ଥିଲେ

## (ସ୍ୱର୍ଗତଃ ଇଂଜିନିୟରଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି)

ଇଞ୍ଜିନିୟର ସ୍ୱର୍ଗତଃ ପୂର୍ଣ୍ଣ ଚନ୍ଦ୍ର ରଥ ଜଣେ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ତାଙ୍କର ମହତ ଜୀବନ ଏବଂ ଉତ୍ତମ ଆଦର୍ଶ ଯୁଗ ଯୁଗ ପାଇଁ ଆମର ଭବିଷ୍ୟତ ପୀଢ଼ି କୁ ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଇ ଚାଲିଥିବ । ଏକାଧାରରେ ସେ ଜଣେ ସରଳ, ନିଷ୍ପାପର, ସଚ୍ଚୋଟ, କର୍ମଠ, କର୍ତ୍ତବ୍ୟନିଷ୍ଠ, ସତ୍ୟବାନ, ଦାୟୀତ୍ୱଶୀଳ, ଶୃଙ୍ଖଳିତ, ଧାର୍ମିକ, ପରୋପକାରୀ, ଦରଦୀ ଏବଂ ମିଷ୍ଟଭାଷୀ ମଣିଷ ଥିଲେ । ନିଜକୁ ସେ ସୁସ୍ଥ, ସଂଯତ ଓ ସକ୍ଷମ ରଖି ତାଙ୍କ ପରିବାରର ଉଚ୍ଚକୋଟିର ଲାଳନ ପାଳନ କରିବା ସାଙ୍ଗକୁ ସାହି ପଡିଶା ଓ ସମାଜ ପ୍ରତି ତାଙ୍କର ଉତ୍ତରଦାୟୀତ୍ୱକୁ ଖୁବ ନିଷ୍ଠାର ସହିତ ନିର୍ବାହ କରି ଆସିଥିଲେ । ବିପଦ, ଆପଦ ଓ ପ୍ରାକୃତିକ ଦୁର୍ବିପାକ ସମୟରେ ସେ ସଦାସର୍ବଦା ଦୁର୍ଦ୍ଦଶାଗ୍ରସ୍ତ ତାଙ୍କର ଗ୍ରାମବାସୀମାନଙ୍କ ପାଖରେ ଛିଡ଼ା ହେଉଥିଲେ ଓ ଯଥାସମ୍ଭବ ସେମାନଙ୍କୁ ସହାୟତା ପ୍ରଦାନ କରୁଥିଲେ । ସ୍ୱର୍ଗତଃ ରଥ ୧୯୩୭ ମସିହା ଅପ୍ରେଲ ୨୫ ତାରିଖରେ କଟକ ଜିଲ୍ଲାର ଆଠଗଡ ତହସିଲ ଅନ୍ତର୍ଗତ କଟିକିଆ ସାହି ଗ୍ରାମ



ପଞ୍ଚାୟତରର ପାଟେଣି ଗାଁ ରେ ଜନ୍ମ ଗ୍ରହଣ କରିଥିଲେ । ବାଲ୍ୟ ଅବସ୍ଥାରେ ପିତାଙ୍କ ଅକାଳ ବିୟୋଗ ଯୋଗୁଁ ସେ ନାନା ପ୍ରକାର ପ୍ରତିବନ୍ଧକର ସାମ୍ନା କରିଥିଲେ। କିନ୍ତୁ ନିଜର ଏକନିଷ୍ଠ ଅଧ୍ୟବସାୟ, ଦୁଇବଡ଼ ଭାଇ ଓ କକାଙ୍କର ସହାୟତା ଫଳରେ ସେ ତାଙ୍କର ପାଠ ପଢିବା ଚାଲୁ ରଖିଥିଲେ । ୧୯୫୯ ମସିହାରେ ପୂର୍ଣ୍ଣଚନ୍ଦ୍ର ନିଜ ଗାଁର ପ୍ରଥମ ଛାତ୍ର ଭାବରେ ଉଭୟ ବିଜ୍ଞାନ ଓ ସିଭିଲ ଇଂଜିନିୟରିଂ ରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ସେ ଜଣେ କୁଶଳୀ ଯନ୍ତ୍ରୀ ଭାବରେ ଓଡ଼ିଶା ସରକାରଙ୍କର ବିଭିନ୍ନ ବିଭାଗରେ କାର୍ଯ୍ୟ କରି ବହୁଭାବେ ପ୍ରଶଂସା ଭାଜନ ହୋଇଥିଲେ । ୧୯୬୫ ମସିହାରେ ସେ ବିଶିଷ୍ଟ ନାରୀ ନେତ୍ରୀ ଏବଂ ଯଶସ୍ୱୀ ସମାଜସେବୀ ଦୟାମୟୀ ରଥ ଙ୍କୁ୍ୱାହ କରିଥିଲେ। ଶ୍ରୀମତୀ ଦୟାମୟୀ କେବଳ ତାଙ୍କର ଜୀବନ ସାଥି ଥିଲେ ତାହା ନୁହେଁ, ସେ ଆଠଗଡ ଇଲାକା ପାଇଁ ତାଙ୍କ ସହିତ ମିଶି ଆଲୋକ ବର୍ତ୍ତିକାର ସ୍ୱରୂପ ସାଜିଥିଲେ । ସିଭିଲ ଇଂଜିନିୟରିଂ ଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କୁ ଓଡ଼ିଶାର ଘରେ ଘରେ ପଂହୁଞ୍ଚାଇବା ପୂର୍ଣ୍ଣ ଚନ୍ଦ୍ର ଙ୍କର ପରମ ଲକ୍ଷ୍ୟ ଥିଲା। ତାଙ୍କ ଦ୍ୱାରା ରଚିତ 'ବାସକଳା' ପୁସ୍ତକ ସାଧାରଣ ଓଡ଼ିଆଙ୍କ ପାଇଁ ସ୍ୱଗୃହ ନିର୍ମାଣରେ ବୈଷୟିକ ଜ୍ଞାନ କୌଶଳକୁ ବ୍ୟବହାର କରାଯିବା ଦିଗରେ ଏକ ପକ୍କା ମାର୍ଗ ଦର୍ଶକ ଭାବରେ ପ୍ରସିଦ୍ଧି ହାସଲ କରିଛି । ବୋଧଗମ୍ୟ ଓଡ଼ିଆ ଭାଷାରେ ଲିଖିତ ଏହି କାଳଜୟୀ ପୁସ୍ତକ ଯୁଗାନ୍ତକାରୀ ଆଖ୍ୟା ଅର୍ଜନ କରିଛି । ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ରଥ ଙ୍କର ପାଣ୍ଡିତ୍ୟ କେବଳ ଇଂଜିନୀୟରିଂ ବିଦ୍ୟା ମଧ୍ୟରେ ସୀମିତ ନ ଥିଲା । ଓଡ଼ିଶାର ଇତିହାସ, ଭାରତୀୟ ସଂସ୍କୃତି ଏ୍ବଂ ଐତିହ୍ୟ ତଥା ବିଶ୍ୱସ୍ତରୀୟ ସୃଜନଶୀଳ କଳା ଉପରେ ମଧ୍ୟ ସେ ବେଶ ଅନୁସନ୍ଧାନ ଓ ଅନୁଶୀଳନ କରିଥିଲେ। ଜଣେ ପ୍ରଖ୍ୟାତ ଲେଖକ ହେବା ସାଙ୍ଗକୁ ସେ ଜଣେ ସୁଦକ୍ଷ ଚିତ୍ରଶିଳ୍ପୀ ମଧ ଥିଲେ। ପ୍ରକୃତରେ ନିଜର ନାମର ଯଥାର୍ଥତା କୁ ପ୍ରମାଣ କରି ପୂର୍ଣ୍ଣ ଚନ୍ଦ୍ର ଗୁଣ, ଜ୍ଞାନ ଓ ଗାରିମା ରେ ପୂର୍ଣ୍ଣତତା ଅର୍ଜନ କରିଥିଲେ ଓ ୨୦୨୦ ମସିହା ଅକ୍ଟୋବର ୧୫ ତାରିଖରେ ୮୪ବର୍ଷ ବୟସରେ ଇଂ. ପୂର୍ଣ୍ଣଚନ୍ଦ୍ର ରଥ ଇହଲୀଳା ସମ୍ବରଣ କରିଛନ୍ତି। ସୁଖର କଥା ଯେ ସମାଜ ପ୍ରତି ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ରଥଙ୍କର ଅମୂଲ୍ୟ ଓ ଅତୁଳନୀୟ ଯୋଗଦାନ ତଥା ସେ ଛାଡ଼ିଥିବା ସ୍ୱର୍ଣ୍ଣାଭ ପରମ୍ପରା କୁ ତାଙ୍କର ସୁଯୋଗ୍ୟ ଦାୟାଦ ଜ୍ୟେଷ୍ଠ ପୁତ୍ର ପ୍ରସିଦ୍ଧ ଶିକ୍ଷାବିତ ଡ଼ଃ.ପ୍ରଭାତ କୁମାର ରଥ, ଆବୁଧାବୀରେ ଅବସ୍ଥାପିତ କନିଷ୍ଠ ପୁତ୍ର ସୁନାମଧନ୍ୟ ଯନ୍ତ୍ରୀ ପ୍ରଦୀପ କୁମାର ରଥ, ସୁପୁତ୍ରୀ ଡ଼ଃ.ପଦ୍ମାଳୟା ରଥ, ପୁତ୍ରବଧୂ ପ୍ରିୟମ୍ବଦା ରଥ, ବହ୍ନିପ୍ରଭା ରଥ ଓ ଜ୍ୱାଇଁ ଡ଼ଃ ଶିବ ନାରାୟଣ ପ୍ରମୁଖ ସକ୍ରୀୟ ଭାବେ ବଜାୟ ରଖିଛନ୍ତି । ସ୍ୱର୍ଗତଃ ପୂର୍ଣ୍ଣ ଚନ୍ଦ୍ର ରଥଙ୍କର ଜୀବ ଶରୀର ଆଜି ଆମ ନିକଟରେ ନାହିଁ, କିନ୍ତୁ ତାଙ୍କର ଜୀବନ୍ତ ସ୍ମୃତି ଆମ ମାନସ ପଟରେ ସଦାସର୍ବଦା ଅବିସ୍ମରଣୀୟ ହୋଇ ରହିଛି ଏବଂ ରହିଥିବ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray